ବର୍ଷ-୨୪, ସଂଖ୍ୟା-୨୦୦
ଭୁବନେଶ୍ୱର
୨୦ ଅଗଷ୍ଟ, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 200
Bhubaneswar
20 August, 2024, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମୃତ୍ୟୁ ପୂର୍ବରୁ ପୀଡିତାଙ୍କ ଦେହରେ ଥିଲା ଏକାଧିକ କ୍ଷତ




କୋଲକାତା, ୧୯।୮(ମହାଭାରତ):କୋଲକାତା ଆର.ଜି. କର ଡାକ୍ତରଖାନାରେ ୩୧ ବର୍ଷୀୟା ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ମାମଲାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ସୋମବାର ପୀଡ଼ିତାଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ କିପରି ନିର୍ମମ ଭାବେ ହତ୍ୟା କରାଯାଇଛି ତାହା ରିପୋର୍ଟରେ ଦର୍ଶାଯାଇଛି। ପୀଡ଼ିତା ଅଭିଯୁକ୍ତ କବଳରୁ ନିଜ ଜୀବନ ବଞ୍ଚାଇବାକୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସଂଘର୍ଷ କରିଥିଲେ ବୋଲି ରିପୋର୍ଟରୁ ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟର ହେବ ମିଛ ଧରା ପରୀକ୍ଷା। ଘଟଣାର ତଦନ୍ତ କରୁଥିବା ସିବିଆଇକୁ ମିଛ ଧରା ପରୀକ୍ଷା କରିବା ପାଇଁ ଆଜି କୋଲକାତାର ଗୋଟିଏ କୋର୍ଟ ଅନୁମତି ଦେଇଛନ୍ତି।

ବ୍ୟବଚ୍ଛେଦ ରିପୋର୍ଟ ଅନୁସାରେ ପୀଡିତାଙ୍କ ଦେହରେ ୧୪ରୁ ଅଧିକ ଆଘାତ ଚିହ୍ନ ରହିଛି। ତେବେ ଶରୀରରେ କୌଣସି ଫ୍ୟାକ୍ଚର ନାହିଁ। ମୁଣ୍ଡ, ଦୁଇ ଗାଲ, ଓଠ, ନାକ, ଡାହାଣ ହନୁ ହାଡ, ଥୋଡି, ବେକ, ବାମ ହାତ, କାନ୍ଧ, ଆଣ୍ଠୁ, ଗୋଡ ଏବଂ ପ୍ରାଇଭେଟ୍ ପାର୍ଟରେ ଆଘାତ ଲାଗିଛି। କେବଳ ସେତିକି ନୁହେଁ ପୀଡିତାଙ୍କ ହତ୍ୟା ପୂର୍ବରୁ ଯୌନ ଉତ୍ପୀଡନ କରାଯାଇଥିବା କଥା ମଧ୍ୟ ରିପୋର୍ଟରେ ଖୁଲାସା ହୋଇଛି।

ଏହି ରିପୋର୍ଟରେ ଫୁସଫୁସରେ ରକ୍ତସ୍ରାବ ଏବଂ ଶରୀରରେ ରକ୍ତ ଜମାଟ ବାନ୍ଧିବା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ଅଧିକ ତଦନ୍ତ ପାଇଁ ରକ୍ତ ଏବଂ ଅନ୍ୟାନ୍ୟ ଶାରୀରିକ ତରଳ ପଦାର୍ଥର ନମୁନା ପଠାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ପୀଡିତାଙ୍କ ଶରୀର ଏବଂ ପ୍ରାଇଭେଟ୍ ପାର୍ଟରେ ଥିବା ସମସ୍ତ ଆଘାତ ତାଙ୍କ ମୃତ୍ୟୁ ପୂର୍ବର। ପୋଷ୍ଟମର୍ଟମ ରିପୋର୍ଟକୁ ଭିତ୍ତି କରି ମେଡିକାଲ ଅଧିକାରୀ କହିଛନ୍ତି ଯେ ଦୁଇ ହାତରେ ତଣ୍ଟି ଚିପିବା ଯୋଗୁ ପୀଡିତାଙ୍କ ମୃତ୍ୟୁ ହୋଇଛି। କହିରଖୁ ଯେ, ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ପୂରା ଦେଶରେ ରେସିଡାଣ୍ଟ ଡାକ୍ତରଙ୍କ ଆନ୍ଦୋଳନ ଜାରି ରହିଛି। ଏହି ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ଗିରଫ କରିସାରିଛି। ତେବେ ହସ୍ପିଟାଲର ସ୍ଥାୟୀ ସୁରକ୍ଷା ଓ ଦୋଷୀଙ୍କୁ କଠୋର ଦଣ୍ଡ ଦାବିରେ ଡାକ୍ତରମାନେ ନିଜ ପ୍ରତିବାଦ ଜାରି ରଖିଛନ୍ତି। ସେପଟେ ଏହି ମାମଲାରେ ସୁପ୍ରିମକୋର୍ଟ ନିଜଆଡୁ ହସ୍ତକ୍ଷେପ କରିଛନ୍ତି। ଏହାକୁ ନେଇ ଏକ ପିଟିସନ ଦାଖଲ ହୋଇଛି। ଆସନ୍ତାକାଲି ଏହି ମାମଲାର ଶୁଣାଣି ହେବ।

ଘଟଣା ସମ୍ପର୍କରେ ସଞ୍ଜୟ ଠାରୁ ବିସ୍ତୃତ ତଥ୍ୟ ହାସଲ କରିବା ପାଇଁ ସିବିଆଇ ତାର ମିଛ ଧରା ପରୀକ୍ଷା କରିବାକୁ ଚାହୁଁଛି। ଏନେଇ ସଂସ୍ଥା ପକ୍ଷରୁ ଆଜି କୋର୍ଟରେ ଆବେଦନ କରାଯାଇଥିଲା କୋର୍ଟ ମଧ୍ୟ ଏଥିପାଇଁ ଅନୁମତି ଦେଇଛନ୍ତି।

ଏବେ ସୁଦ୍ଧା ସମୁଦାୟ ୩୭ ଜଣଙ୍କୁ ଗିରଫ କରାଯାଇ ସାରିଲାଣି। ଅଗଷ୍ଟ ୧୪ ତାରିଖ ରାତିରେ ଘଟିଥିବା ଭଙ୍ଗାରୁଜା ଘଟଣାର ଯାଞ୍ଚ ପାଇଁ କୋଲକାତା ପୁଲିସ ଏକ ୧୫ ଜଣିଆ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସଆଇଟି) ଗଠନ କରିଛି। ଏହି ସମୟରେ ସିବିଆଇ ଟିମ୍ ପୀଡିତାଙ୍କ ଘରେ ପହଞ୍ଚି ସେମାନଙ୍କ ବିବୃତି ରେକର୍ଡ କରିଛି। କୋଲକାତାରେ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ପୁଲିସ କମିସନରଙ୍କୁ ସିବିଆଇ ଜେରା କରିବା ଆବଶ୍ୟକ ବୋଲି ବରିଷ୍ଠ ଟିଏମସି ନେତା ସୁଖେନ୍ଦୁ ଶେଖର ରାୟ ଦାବି କରିବା ପରେ ଏହାକୁ ନେଇ ଟିଏମସିରେ ବିବାଦ ଆରମ୍ଭ ହୋଇଛି। ଦଳରେ ଅନ୍ୟ ଏକ ଗୋଷ୍ଠୀ ରାୟଙ୍କ ଏଭଳି ଆଭିମୁଖ୍ୟକୁ ବିରୋଧ କରିଛି। ବରିଷ୍ଠ ନେତା କୁନାଲ ଘୋଷ ଏହି ମାମଲାରେ ରାୟଙ୍କୁ କଡ଼ା ସମାଲୋଚନା କରିଛନ୍ତି।



ରାକ୍ଷୀ ପୂର୍ଣ୍ଣିମାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତରେ ରାକ୍ଷୀ ପିନ୍ଧାଉଛନ୍ତି ଜଣେ ଶିଶୁ।

# ୧୧ ବାବୁଙ୍କ ତଥ୍ୟ ମାଗିଲା ଏସଆଇଟି

ଭୁବନେଶ୍ୱର, ୧୯।୮(ମହାଭାରତ): ଦୁର୍ନୀତିଗ୍ରସ୍ତ ବାବୁଙ୍କ ତାଲିକା ମାଗିଲା ଏସଆଇଟି। ଯେଉଁ ଯେଉଁ ବାବୁ ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ତାଲିକା ଦେବାକୁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ତଥ୍ୟ ମାଗିଛି ଏସଆଇଟି। ମିଳିଥିବା ସୂଚନା ମୁତାବକ, ୧୧ ଜଣ ବାବୁଙ୍କ ତଥ୍ୟ ମଗାଯାଇଛି। ତେବେ ଆସନ୍ତା ଅଗଷ୍ଟ ୨୮ ତାରିଖରେ କଟକରେ ଏସଆଇଟି ବୈଠକ ବସିବ। ଯେଉଁଥିରେ କି ଜଷ୍ଟିସ୍ ଅରିଜିତ ପଶାୟତ ଅଧ୍ୟକ୍ଷତା କରିବେ। ତାଙ୍କ ଏସଆଇଟିର ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି।

# ଏ ବର୍ଷ ହେବନି ଛାତ୍ର ସଂସଦ ନିର୍ବାଚନ

**ଭୁବନେଶ୍ୱର,୧୯।୮(ମହାଭାରତ):** ଆସନ୍ତା ବର୍ଷ ହେବ କଲେଜ ଛାତ୍ର ସଂସଦ ନିର୍ବାଚନ। ଏନେଇ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଯାଜପୁର ବଡ଼ଚଣା ନୂଆହାଟ କଲେଜର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଆଇନମନ୍ତ୍ରୀ କହିଛନ୍ତି ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଛାତ୍ର ସଂସଦ ନିର୍ବାଚନ ହୁଏ। ନୂଆ ସରକାର ଆସିଲା ପରେ ଏନେଇ ଯଥେଷ୍ଟ ସମୟ ମିଳିନି। ଛାତ୍ର ସଂସଦ ନିର୍ବାଚନ ନେଇ ଏବର୍ଷ ସବୁ କଲେଜରେ ପ୍ରସ୍ତୁତି ହେବ। ଏବର୍ଷ ପ୍ରସ୍ତୁତି କରାଯାଇ, ଆସନ୍ତାବର୍ଷ ଛାତ୍ର ସଂସଦ ନିର୍ବାଚନ କରାଯିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ।

ନୂଆ ସରକାର ଆସିବା ପରେ ଛାତ୍ର ସଂସଦ ନିର୍ବାଚନ ପାଇଁ କଲେଜ କ୍ୟାମ୍ପସରେ ଯେଉଁ ଉତ୍ସାହ ଥିଲା, ତାହା ମନ୍ତ୍ରୀଙ୍କ ଏହି ବୟାନ ପରେ ମଉଳି ଯାଇଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ଆଇନମନ୍ତ୍ରୀଙ୍କ ଯୁକ୍ତି ହେଲା, ନୂଆ ସରକାର ଗଠନ ହେବା ପରଠୁ ଯଥେଷ୍ଟ ସମୟ ନଥିବାରୁ ଚଳିତବର୍ଷ ଛାତ୍ରସଂସଦ ନିର୍ବାଚନ ହୋଇପାରିନି। ଏ ନେଇ କଲେଜଗୁଡ଼ିକୁ ପ୍ରସ୍ତୁତ କରାଯାଇ। ଆସନ୍ତାବର୍ଷ କଲେଜଗୁଡ଼ିକୁ ଛାତ୍ର ସଂସଦ ପାଇଁ ପ୍ରସ୍ତୁତ କରାଯିବ।

ଦେଶ ଓ ରାଜ୍ୟ ରାଜନୀତିରେ ଛାତ୍ର ନେତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କ୍ୟାମ୍ପସରେ ଅଶାନ୍ତି ସୃଷ୍ଟି ହେଉଥିବା ଦର୍ଶାଇ ତତକାଳୀନ ସରକାର ୨୦୧୮ରେ ଛାତ୍ରସଂସଦ ନିର୍ବାଚନକୁ ବନ୍ଦ କରିଦେଇଥିଲେ। କରୋନା ପରେ ଏନେଇ ଆଉ ଆଗକୁ ବଢିନଥିଲେ ତତକାଳୀନ ସରକାର। କ୍ୟାମ୍ପସ କମିଟି ନାଁରେ ରାଜନୀତି କରିଥିଲେ ବିଜେଡି ସରକାର, ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏବେ ନିର୍ବାଚନ ହେବନି ବୋଲି ମନ୍ତ୍ରୀ କହିବା ପରେ ବିଭିନ୍ନ ଛାତ୍ର ସଙ୍ଗଠନ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ସିଆରପିଏଫ ଦଳ ଉପରେ ଆତଙ୍କବାଦୀ ଆକ୍ରମଣ

**ଶ୍ରୀନଗର, ୧୯।୮(ଏଜେନ୍ସି):** ଆତଙ୍କବାଦୀମାନେ ସୋମବାର ଦିନ ଜମ୍ମୁ-କଶ୍ମୀରର ଉଦାମପୁରରେ ଏକ ସିଆରପିଏଫ ଦଳ ଉପରେ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ଜଣେ ଇନ୍ସପେକ୍ଟର ସହିଦ ହୋଇଛନ୍ତି। ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରି ରହିଛନ୍ତି ବର୍ତ୍ତମାନ ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଛି। ଜଣେ ଅଧିକାରୀ କହିଛନ୍ତି ଯେ ଉଦାମପୁରର ରାମନଗରର ଚିଲ ଅଞ୍ଚଳରେ ସିଆରପିଏଫ ପକ୍ଷରୁ ନିୟମିତ କରାଯାଉଥିବା ପାଟ୍ରୋଲିଂ ବେଳେ ଆତଙ୍କବାଦୀମାନେ ଅଚାନକ ଗୁଳି ଚଳାଇଥିଲେ। ଯେଉଁଥିରେ ଜଣେ ସିଆରପିଏଫ ଇନ୍ସପେକ୍ଟର ସହିଦ ହୋଇଛନ୍ତି ତାଙ୍କ ନାମ କୁଲଦୀପ ବୋଲି ଜଣାପଡିଛି। ଆତଙ୍କବାଦୀମାନେ ସ୍ଥାନୀୟ ସହାୟତା ନେଉଥିବା କୁହାଯାଉଛି। ଏହାପୂର୍ବରୁ ଅଗଷ୍ଟ ୭ରେ ମଧ୍ୟ ଉଦ୍ଧମପୁରର ବାସନ୍ତଗଡ ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ହୋଇଥିଲା।

# ବଢ଼ିବ ପିଏମ୍ ଆବାସ ଟଙ୍କା

## ଓଡ଼ିଶାରେ ହିତାଧିକାରୀଙ୍କୁ ମିଳିବ ୧.୮୦ ଲକ୍ଷ ଟଙ୍କା : ମନ୍ତ୍ରୀ





ଭୁବନେଶ୍ୱର, ୧୯।୮(ମହାଭାରତ): ପିଏମ୍ ଆବାସ୍ ଯୋଜନାରେ ହିତାଧିକାରୀଙ୍କୁ ମିଳୁଥିବା ସହାୟତା ରାଶିର ପରିମାଣ ବୃଦ୍ଧି ପାଇବ। ଏନେଇ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ। ତାଙ୍କ କହିବା ମୁତାବକ, ଖୁବ ଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ବଦଳରେ ୧ ଲକ୍ଷ ୮୦ ହଜାର ଟଙ୍କା ମିଳିବ। ଖୁବଶୀଘ୍ର ସମ୍ପୂର୍ଣ୍ଣ ଗାଇଡଲାଇନ ଆସିବ।

ସେହିପରି ଶୌଚାଳୟ ପାଇଁ ପୂର୍ବରୁ ୧୨ ହଜାର ଟଙ୍କା ଦିଆଯାଉଥିଲା ବର୍ତ୍ତମାନ ତାକୁ ୨୦ ହଜାର ଟଙ୍କା ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତି ଆବାସ ଘରକୁ ମଡେଲ ଗୃହ ଭାବେ ନିର୍ମାଣ କରାଇବେ ରାଜ୍ୟ ସରକାର। ପାଣି, ଶୌଚାଳୟ, ବିଜୁଳି, ସବୁ ଆବାସକୁ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ ରବି ନାରାୟଣ ନାୟକ ଆହୁରି କହିଛନ୍ତି, ପୂର୍ବ ସରକାର ମୋ ଘର ଯୋଜନା କେବଳ ନିର୍ବାଚନ ପାଇଁ ଲାଗୁ କରିଥିଲେ। ଏହି ଯୋଜନାରେ କୌଣସି ଲୋକ ଉପକୃତ ହୋଇ ନାହାନ୍ତି। ଯୋଜନାର କୌଣସି ନିର୍ଦ୍ଦିଷ୍ଟ ଗାଇଡ ଲାଇନ ନାହିଁ। ୩ ଲକ୍ଷ ଟଙ୍କାର ଋଣ କରିବା କଥା ଲୋକ ଶୁଣିବା ପରେ ଚାଲି ଯାଉଛନ୍ତି। ଆଗ୍ରହ ନାହିଁ ଲୋକଙ୍କର ଏହି ଯୋଜନାରେ ସାମିଲ ହେବା ପାଇଁ।

# ସିମ୍ ବକ୍ସ ଘଟଣାରେ ରାଞ୍ଚି ଗଲା କମିଶନରେଟ୍ ପୁଲିସ୍

**ଭୁବନେଶ୍ୱର, ୧୯।୮(ମହାଭାରତ):** ଲମ୍ବି ଚାଲିଛି ସିମ୍ ବକ୍ସ କ୍ରାଇମର ନେଟୱର୍କ। ଯୋଡ଼ି ହେବାରେ ଲାଗିଛି ଗୋଟିଏ ପରେ ଗୋଟିଏ ରାଜ୍ୟ। ଗତ ୩ ଦିନର ଖୋଳତାଡ଼ ଭିତରେ ପ୍ରଥମେ ଭୁବନେଶ୍ୱର, ପରେ କଟକ ଆଉ ଆଜି ସାମ୍ନାକୁ ଆସିଛି ଝାଡ଼ଖଣ୍ଡ ଲିଙ୍କ। ଝାଡ଼ଖଣ୍ଡର ରାଞ୍ଚିରେ ମଧ୍ୟ କୁଆଡ଼େ ବସିଛି ସିମ୍ ବକ୍ସ ସେଟଅପ୍। ଅର୍ଥାତ ବାଂଲାଦେଶରୁ ଭାୟା ପଶ୍ଚିମବଙ୍ଗ ହୋଇ ଓଡ଼ିଶା ଓ ଝାଡ଼ଖଣ୍ଡରେ ଚାଲିଥିଲା ନେଟୱର୍କ। ବାଂଲାଦେଶୀ ରିଙ୍ଗ ମାଷ୍ଟର ଆଶାଦୁର ଜମାନ ପଶ୍ଚିମବଙ୍ଗର ରାଜୁ ମଣ୍ଡଳକୁ ହାତ କରି ବିଛାଇଛି ସିମବକ୍ସର ଅପରାଧିକ ନେଟୱାର୍କ। ୫ ଦିନିଆ ରିମାଣ୍ଡରେ ଥିବା ରାଜୁଠାରୁ ଏହି ତଥ୍ୟ ପାଇବା ପରେ ଏବେ ଦଳବଳ ଧରି ରାଞ୍ଚି ମୁହାଁ କମିଶନରେଟ୍ ପୁଲିସ। ତେବେ ଝାଡ଼ଖଣ୍ଡର ଏଜେଣ୍ଟ କିଏ ? ସେହି ତଥ୍ୟକୁ ଗୋପନ ରଖିଛି ପୁଲିସ।

ପୁଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ କହିବା କଥା, ସିମବକ୍ସ କ୍ରାଇମର ବଙ୍ଗୀୟ ଏଜେଣ୍ଟ ତଥା ଉତ୍ତର ଚବିଶ ପ୍ରଗଣାର ରାଜୁ ମଣ୍ଡଳ ଭୁବନେଶ୍ୱର ଓ କୋଲକାତାରୁ ଜିନିଷପତ୍ର ନେଇ ବାଂଲାଦେଶରେ ବ୍ୟବସାୟ କରୁଥିଲା। ତା' ଭିତରେ ମାଷ୍ଟରମାଇଣ୍ଡ ଆଶାଦୁରକୁ ଭେଟିବା ପରେ ସିମ୍ ବକ୍ସ ଜାଲରେ ପଡ଼ିଥିଲା। ଡିଲ୍ ପରେ ବୈଧ ଭିସାରେ ଗତ ଅକ୍ଟୋବରରେ ଅଗରତାଲା ଦେଇ ଭାରତ ଆସିଥିଲା ଆଶାଦୁର। ପରେ ଡିସେମ୍ବରରେ କଟକ ଓ ଭୁବନେଶ୍ୱର ଆସି ରାଜୁ ନାଁରେ ଘରଭଡ଼ା ନେବା ସହ ସ୍ଥାପନ କରିଥିଲା ସିମବକ୍ସ ନେଟୱର୍କ।

ଭୁବନେଶ୍ୱର ଆସିଥିବା ବେଳେ ଆଶାଦୁର ଲିଙ୍ଗରାଜ ହୋଟେଲରେ ରହିଥିଲା। ଏନେଇ ପୁଲିସକୁ ସୂଚନା ଦେଇଛି ରାଜୁ। ଆଜି ଏହି ହୋଟେଲରେ ଛାନଭିନ କରିଛି ପୁଲିସ। ତେବେ ସେଠାରୁ ସେଭଳି କିଛି ତଥ୍ୟ ପାଇନି। ତେବେ କେଉଁ ଆଧାରରେ ଜଣେ ବିଦେଶୀ ହୋଇ ଏଇଠି ରହୁଥିଲା ବାଂଲାଦେଶର ଆଶାଦୁର ? ତା' ଭଳି ଆଉ କେହି ବାଂଲାଦେଶୀ ଭୁବନେଶ୍ୱରରେ ଆତ୍ମଗୋପନ କରିଛନ୍ତି କି ? ସେ ନେଇ ନାନା ପ୍ରଶ୍ନ ଉଠୁଥିବାବେଳେ ଏହି ହୋଟେଲର ରେଜିଷ୍ଟାର, ଲେଜର ବୁକ୍ ସିଜ୍ ସହ ସିସିଟିଭି ଫୁଟେଜ ମାଗି ତଦନ୍ତ କରୁଛି ପୁଲିସ।

# ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ରାକ୍ଷୀ ବାନ୍ଧିଲେ ଛାତ୍ରୀ



ଭୁବନେଶ୍ୱର, ୧୯।୮(ମହାଭାରତ): ପବିତ୍ର ରାକ୍ଷୀ ପୂର୍ଣ୍ଣିମ ଅବସରରେ ରାକ୍ଷୀ ବାନ୍ଧିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ରାଜ୍ୟ ଅତିଥି ଭବନରେ ଆୟୋଜିତ ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ସାମିଲ ହେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେଠାରେ ବିଭିନ୍ନ ସ୍କୁଲର ଛାତ୍ରୀମାନେ ଅତିଥି ଭବନରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧିଛନ୍ତି। ଏହାସହ ବିଭିନ୍ନ ଅନୁଷ୍ଠାନର ମହିଳା ଓ ମହିଳା ସାମ୍ବାଦିକା ମଧ୍ୟ ସାମିଲ ହୋଇଥିଲେ। ଅତିଥି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ଉପସ୍ଥିତି ଥିଲେ।

ଅନ୍ୟପଟେ ରକ୍ଷା ବନ୍ଧନ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି ସମ୍ବାଦ ଗ୍ରୁପର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ। ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ରକ୍ଷା ବନ୍ଧନର ଶୁଭେଚ୍ଛା ଜଣାଇଛନ୍ତି ସେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଉପସ୍ଥିତି ଥିଲେ। ସମ୍ବାଦ ଗ୍ରୁପର ଆଜିଠାରୁ ନିଶାମୁକ୍ତି ଅଭିଯାନ ଆରମ୍ଭ ହେଉଛି।

ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି ଭାଇ ହାତରେ ଭଉଣୀ ରାକ୍ଷୀ ପିନ୍ଧେଇ ନିଶା ଠୁ ଦୂରେଇ ରଖିବାକୁ କଥା ନେବେ। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ପିନ୍ଧେଇ ନିଶା ଠୁ ଦୂରେଇ ରହିବାକୁ କଥା ନେଲେ। ଏଭଳି କାର୍ଯ୍ୟକ୍ରମ ଯୁବ ପୀଢ଼ିକୁ ନିଶା ଠୁ ଦୂରେଇ ରଖିବାକୁ ସହାୟକ ହେବ ବୋଲି ସମ୍ବାଦ ଗ୍ରୁପ ଅଧ୍ୟକ୍ଷ କହିଛନ୍ତି।

# ଆଜିଠୁ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ

**ଭୁବନେଶ୍ୱର,୧୯।୮(ମହାଭାରତ):** ଆସନ୍ତାକାଲିଠୁ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନ ସେପ୍ଟେମ୍ବର ୧୩ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ଏହି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ବିଭିନ୍ନ ବିଭାଗର ବଜେଟ୍ ଅନୁଦାନ ଦାବି ଉପରେ ଗୃହରେ ଆଲୋଚନା ଓ ପାରିତ ହେବ। ଏଥର ସବୁ ରାଜନୈତିକ ଦଳ ସ୍ୱତନ୍ତ୍ର ରଣନୀତି କରିଛନ୍ତି। ଗୃହ ଭିତରେ ବିଭିନ୍ନ ପ୍ରସଙ୍ଗ ଉଠାଇ ଶାସକ ଦଳକୁ ଘେରିବା ପାଇଁ ବିରୋଧୀ ପ୍ରସ୍ତୁତ ହୋଇଥିବାବେଳେ ଏହାକୁ ଜୋରଦାର କାଉଣ୍ଟ କରିବାକୁ ଶାସକ ଦଳ ମଧ୍ୟ ତୟାର ହୋଇଛି। ତେବେ ବିଧାନସଭା ସ୍ୱାଭାବିକ ଭାବେ ଚାଲୁଛି, ନା ହଙ୍ଗାମା ହେଉଛି ତା ଉପରେ ସମସ୍ତଙ୍କ ନଜର ରହିଛି।



ବିଧାନସଭା ସଚିବାଳୟ ପକ୍ଷରୁ ଆଜି ଜାରି କାର୍ଯ୍ୟସୂଚୀ ଅନୁସାରେ, ଆସନ୍ତାକାଲି ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପୂର୍ବତନ ବିଧାୟକ ସୁନ୍ଦରମୋହନ ମାଝୀଙ୍କ ସମ୍ମାନରେ ଶୋକପ୍ରସ୍ତାବ ଆସିବ। ତାପରେ ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହେବ। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ବିଭିନ୍ନ ପେପର ଓ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିବେ। ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଗୃହ ପରିଚାଳନା ପାଇଁ କାର୍ଯ୍ୟପରାମର୍ଶଦାତା କମିଟିର ରିପୋର୍ଟକୁ ଉପସ୍ଥାପନ କରିବେ। ଏହାପରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବାବୁ ସିଂ, ପୂର୍ଣ୍ଣଚନ୍ଦ୍ର ସେଠୀ, ବିଭୂତିଭୂଷଣ ପ୍ରଧାନ, ରାମଚନ୍ଦ୍ର କାଡ଼ାମ, ସୁଧୀର ରଞ୍ଜନ ପାଟଯୋଶୀ, ମନୋହର ରନ୍ଧାରୀ, ସନାତନ ବିଜୁଳି ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୋଟ ୩୯ଟି ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି। ବିଧାନସଭାରେ ସେପ୍ଟେମ୍ବର ୧୦ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବାର କାର୍ଯ୍ୟକ୍ରମ ରହିଛି। ତା' ପୂର୍ବରୁ ଅଗଷ୍ଟ ୨୧ତାରିଖରେ ଅନୁସୂଚିତ ଜାତି,ଜନଜାତି ଓ ପଛୁଆ ବର୍ଗ ବିଭାଗର ଖର୍ଚ୍ଚଦାବି ଉପରେ ଆଲୋଚନା ହେବ ୨୨ରେ ରାଜସ୍ୱ ଓ ବିପର୍ଯ୍ୟୟ, ୨୩ରେ ଖାଦ୍ୟଯୋଗାଣ ଖାଉଟି କଲ୍ୟାଣ, ସମବାୟ ବିଭାଗ, ୨୭ରେ ମହିଳା ଓ ଶିଶୁବିକାଶ, ମିଶନଶକ୍ତି ଓ ପର୍ଯ୍ୟଟନ, ୨୮ରେ ଜଳସମ୍ପଦ, ୨୯ରେ ସ୍କୁଲ ଓ ଗଣଶିକ୍ଷା,ଉଚ୍ଚଶିକ୍ଷା, ୩୦ରେ ଶିଳ୍ପ ଓ ଏମଏସଏମଇ ବିଭାଗ, ୩୧ରେ ଗୃହ, ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଉପରେ ଗୃହରେ ଆଲୋଚନା ହେବା ପାଇଁ କାର୍ଯ୍ୟ ପରାମର୍ଶଦାତା କମିଟିରେ ନିଷ୍ପତ୍ତି ନିଆଯାଇଛି।

ସେହିପରି ସେପ୍ଟେମ୍ବର ୨ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ୩ରେ ଇସ୍ପାତ ଓ ଖଣି, ୪ରେ ପଂଚାୟତିରାଜ, ୫ରେ କୃଷି ଓ କୃଷକ କଲ୍ୟାଣ, ୬ରେ ଗୃହନିର୍ମାଣ ଓ ନଗର ଉନ୍ନୟନ ଓ ୯ରେ ପୂର୍ତ୍ତ,ଗ୍ରାମ୍ୟ ଉନ୍ନୟନ ବିଭାଗର ବଜେଟ୍ ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

ପ୍ରଥମ ପର୍ଯ୍ୟାୟରେ ବିଧାୟକମାନେ ହୋହାଲ୍ଲା ନାରାବାଜି, ପୋଡିୟମ ଉପରେ ଚଢ଼ିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ଆଲୋଚନା କମ୍ ହେଉଥିଲା, କୋଳାହଳ ବେଶି ଥିଲା। ଯାହାଫଳରେ ଲୋକଙ୍କ ପ୍ରସଙ୍ଗ ଗୌଣ ହୋଇଯାଇଥିଲା। ତେଣୁ ଏଥର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ଲୋକଙ୍କ ପ୍ରସଙ୍ଗ ଉଠିବ ନା ହୋହାଲ୍ଲାରେ ଶେଷ ହୋଇଯିବ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ରାକ୍ଷୀ ପୂର୍ଣ୍ଣିମାରେ ଭଉଣୀକୁ ମାରିଲା ଭାଇ

ବ୍ରହ୍ମପୁର, ୧୯।୮(ମହାଭାରତ): ରାକ୍ଷୀ ପୂର୍ଣ୍ଣିମାରେ ରକ୍ତରେ ଭିଜିଲା ରାକ୍ଷୀ। ଆଉ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କଲା ଭାଇ। ଯେଉଁ ଭାଇର ଦୀର୍ଘାୟୁ କାମନା କରି ତା' ହାତରେ ବାନ୍ଧିଥିଲା ରାକ୍ଷୀ, ଆଜି ସିଏ ପାଲଟିଲା ନର ରାକ୍ଷସ। ଚିର ଦିନ ପାଇଁ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇ ଦିନ ଦି'ପହରରେ ସାନ ଭାଉଣୀକୁ ଅତି ବୀଭତ୍ସ ଭାବେ ଛୁରୀରେ ଭୁଷି ହତ୍ୟା କରିଛି। ଏପରି ହୃଦୟବିଦାରକ ଘଟଣା ଗଞ୍ଜାମ ଜିଲ୍ଲା ବଡ଼ବଜାର ଥାନା ଅଞ୍ଚଳରେ ଘଟିଛି। ୧୩ ବର୍ଷୀୟା ପ୍ରଯୋକ୍ତା ପାଣିଗ୍ରାହୀ ଓ ତାଙ୍କ ଭାଇ ଆୟୁଷ୍ମାନ ପାଣିଗ୍ରାହୀ ବଡ଼ବଜାର ଥାନା ସପ୍ତମ ଗଳିରେ ରହୁଥିବା ନିଜ ସମ୍ପର୍କୀୟ ବଡ଼ବାପାଙ୍କ ଘରକୁ ଆସିଥିଲେ। କାରଣ ତାଙ୍କ ଘରେ ଚାଲିଥିଲା ଶ୍ରାଦ୍ଧ ପୂଜା। ଘରର ତଳ ମହଲାରେ ପୂଜା ଚାଲିଥିବା ବେଳେ ଉପର ମହଲାରେ ପ୍ରଯୋକ୍ତା, ଭାଇ ଆୟୁଷ୍ମାନ ଓ ସମ୍ପର୍କୀୟ ଭାଇ ଆଶୁତୋଷ ପାଣିଗ୍ରାହୀ ଥିଲେ। ହଠାତ ଚିତ୍କାର ଶୁଣି ପରିବାର ଲୋକେ ଉପର ମହଲାକୁ ଧାଇଁ ଯାଇଥିଲେ।

ସେତେବେଳେ ଚଟାଣରେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିଲେ ପ୍ରଯୋକ୍ତା ଓ ଆୟୁଷ୍ମାନ। ଉଭୟଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ଛୁରୀ ମାଡ଼ ହୋଇଥିଲା। ହେଲେ ନଥିଲେ ଆଶୁତୋଷ। ପରିବାର ଲୋକ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରଯୋକ୍ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆୟୁଷ୍ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ରହିଛି। ସେପଟେ ଛୁରା ମାଡ଼ କରି ଆଶୁତୋଷ ଚମ୍ପଟ ମାରିବାକୁ ଚେଷ୍ଟା କରୁଥିଲା। ହେଲେ ହିଞ୍ଜିଳିକାଟୁ ପୋଲିମା ନିକଟରେ ଏକ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଗୁରୁତର ଆହତ ହୋଇ ରାସ୍ତା ପାର୍ଶ୍ୱରେ ପଡ଼ିଥିଲା ଆଶୁତୋଷ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ୍ ତାକୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଛି।

# ବାଂଲାଦେଶରୁ ଫେରିବେ ଶ୍ରମିକ

ଭୁବନେଶ୍ୱର, ୧୯।୮(ମହାଭାରତ): ବାଂଲାଦେଶରେ ଲାଗିରହିଥିବା ହିଂସା ଓ ସେଠାରେ ହିଂସାରେ ଶିକାର ହେଉଥିବା ପ୍ରବାସୀ ଶ୍ରମିକଙ୍କୁ ନେଇ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ରାଜ୍ୟ ସରକାର ବାଂଲାଦେଶରେ ରହୁଥିବା ସମସ୍ତ ଓଡ଼ିଆ ଶ୍ରମିକଙ୍କୁ ତୁରନ୍ତ ରାଜ୍ୟକୁ ଫେରାଇଆଣିବାକୁ ଯୋଜନା କରୁଛନ୍ତି। ଏହି କ୍ରମରେ ଆଜି ଶ୍ରମ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି କି, ବାଂଲାଦେଶରେ କେତେ ଓଡ଼ିଆ ଶ୍ରମିକ ରହିଛନ୍ତି ତାର ଏକ ଚିଠା ପ୍ରସ୍ତୁତ ହେଉଛି। ଏନେଇ ସମସ୍ତ ଜିଲ୍ଲାର ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଶ୍ରମ ଅଧିକାରୀମାନେ ନିଜ ନିଜ ଜିଲ୍ଲାର ଅଫିସିଆଲ ଲିଷ୍ଟ ପଠାଇବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ପ୍ରାଥମିକ ଭାବେ ଅଫିସିଆଲ ଡାଟା ମୁତାବକ ଯାଇଥିବା ଶ୍ରମିକମାନଙ୍କ ସହ ଯୋଗାଯୋଗ କରାଯିବ ଓ ପରେ ନନ୍ ଅଫିସିଆଲ ଭାବେ ଯାଇଥିବା ଶ୍ରମିକଙ୍କ ବାବଦରେ ତଥ୍ୟ ସଂଗ୍ରହ କରାଯାଇ ସେମାନଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରାଯିବ ବୋଲି ଶ୍ରମମନ୍ତ୍ରୀ କହିଛନ୍ତି। ଆସନ୍ତା ୧୫-୨୦ ଦିନ ମଧ୍ୟରେ ସେମାନଙ୍କୁ ଫେରାଇ ଅଣାଯିବ ବୋଲି ଶ୍ରମମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ମାଛ ମୁସ୍କା



**ଆବଶ୍ୟକୀୟ ସାମଗ୍ରୀ :** ମାଛ ୫୦୦ ଗ୍ରାମ, ଛୋଟ ଛୋଟ କଟା ଅଦା ୧ ଚାମଚ, କଟା ରଷୁଣ ୧ ଚାମଚ, ୨ଟି କଟା ପିଆଜ, ଗୋଟେ ସିଝା ଆଳୁ, ୧ ଛୋଟ ଚାମଚ ହଳଦି ଗୁଣ୍ଡ, ୧ ଚାମଚ ଲଙ୍କା ଗୁଣ୍ଡ, ୧ ଚାମଚ ଗୋଲ ମରିଚ ଗୁଣ୍ଡ, ୨ କପ୍ ତେଲ, ଲୁଣ ସ୍ୱାଦ ଅନୁସାର, ଭଜା ବ୍ରେଡ ଗୁଣ୍ଡ, ଧନିଆ ପତ୍ର ଓ କର୍ନଫ୍ଲୋର।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଏକ ବାଉଲରେ ଦୁଇ କପ୍ ପାଣି ପକାନ୍ତୁ। ସେଥିରେ ଲୁଣ ଏବଂ ହଳଦୀ ପକାଇ ୧୦ ମିନିଟ୍ ମାଛକୁ ସିଝାଇ ଦିଅନ୍ତୁ। ଏହାପରେ ସିଝା ମଛରୁ କଣ୍ଟାକୁ ଭଲଭାବେ ବାହାର କରି ଦିଅନ୍ତୁ। ତା'ପରେ ମଛରେ ସିଝା ଆଳୁ, କଟା ପିଆଜ, ରୁଷଣ, ଅଦା, ଲଙ୍କା ଗୁଣ୍ଡ, ଗୋଳ ମରିଚ ଗୁଣ୍ଡ, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗୋଳା ହଆାଇଥିବା ମାଛକୁ ଛୋଟ ଛୋଟ ଆକାରରେ ଗୋଲ କରିଦିଅନ୍ତୁ। ଏହାପରେ ଆଉ ଗୋଟିଏ ପାତ୍ରରେ ୨ କପ୍ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗୋଲ ଆକାର ଦିଆଯାଇଥିବା ମାଛକୁ କର୍ନଫ୍ଲୋରରେ ବୁଡାଇବା ପରେ ସେଥିରେ ବ୍ରେଡ କ୍ରମ୍ବସ୍ ଲଗାଇ ତେଲରେ ଛାଣି ଦିଅନ୍ତୁ। ଅଳ୍ପ ନାଲି ହେବା ପରେ ମାଛକୁ ପ୍ଲେଟକୁ ବାହାର କରି ପରଷନ୍ତୁ।

..... ପରଦା ଖବର .....

# ନିଜ ବିବାହକୁ ନେଇ କଙ୍ଗନା ଦେଲେ ଏଭଳି ପ୍ରତିକ୍ରିୟା



ବଲିଉଡ ଅଭିନେତ୍ରୀ ତଥା ରାଜନେତା କଙ୍ଗନା ରାଣାଓ୍ୱତ ତାଙ୍କର ଆଗାମୀ ଚଳଚ୍ଚିତ୍ର ଏମାରଜେନ୍ସି ପାଇଁ ଚର୍ଚ୍ଚାରେ ଅଛନ୍ତି। ଅଭିନେତ୍ରୀ ତାଙ୍କ ଚଳଚ୍ଚିତ୍ରର ପ୍ରମୋସନରେ ବ୍ୟସ୍ତ ଅଛନ୍ତି। ନିକଟରେ କଙ୍ଗନା ଦେଇଥିବା ଏକ ସାକ୍ଷାତକାରରେ ନିଜ ବିବାହ ଯୋଜନା ବିଷୟରେ ଖୋଲାଖୋଲି ଭାବରେ ଆଲୋଚନା କରିଛନ୍ତି। ଅଭିନେତ୍ରୀଙ୍କୁ ଯେତେବେଳେ ପଚରାଗଲା କିତୁମେ ବିବାହ କରିବାକୁ ଚାହୁଁଛ କି ? ଏହାର ଉତ୍ତର ଦେଇ ଅଭିନେତ୍ରୀ କହିଥିଲେ, ହଁ, କାହିଁକି ନୁହେଁ। ସମସ୍ତେ ଏହା ଚାହାଁନ୍ତି ଏବଂ ମୁଁ ମଧ୍ୟ ଏହା ବିଷୟରେ ଚିନ୍ତା କରେୟ ମୋର ବିଶ୍ୱାସ ଯେ ସମସ୍ତଙ୍କର ସାଥୀ ରହିବା ଉଚିତ୍ୟ ଜୀବନସାଥୀ ବିନା ବଞ୍ଚିବା ସହଜ ନୁହେଁ। ସମୟସମୟରେ ଏମିତି କିଛି ପରିସ୍ଥିତି ଆସିଥାଏ। ଯେଉଁ ସମୟରେ ଜୀବନସାଥୀଙ୍କ ସହ ରହିବା କଷ୍ଟକର ହୋଇଥାଏ କିନ୍ତୁ ଜୀବନ୍ତ ସାଥୀ ବିନା ରହିବା ତା' ଠାରୁ ଅଧିକ କଷ୍ଟସାଧ । ଏଯାବତ ମୁଁ ବିବାହ କରି ନଥିବାରୁ ପରିବାରଲୋକ ଖୁବ ବ୍ୟସ୍ତରେ ଅଛନ୍ତି। ଯଥାଶୀଘ୍ର ମୁଁ ବିବାହ କରିନିଏ ଏହା ମୋର ପରିବାରଲୋକଙ୍କ ଇଚ୍ଛା। ମୋ ମତରେ ଯେଉଁ ବ୍ୟକ୍ତିଙ୍କୁ ଠିକ ଜୀବନସାଥୀ ମିଳିଯାଏ ତାହା ତାଙ୍କ ଜୀବନର ସବୁଠାରୁ ବଡ଼ ଉପାଧି ହୋଇଥାଏ। କାରଣ ଭଲ ଜୀବନସାଥୀ ଟିଏ ମିଳିଗଲେ ଜୀବନରେ ଯେତେ ସମସ୍ୟା ଆସିଲେ ମଧ୍ୟ ଦୁହେଁ ତାହାକୁ ସାନ୍ଥୀ ହୋଇ ସାମ୍ନା କରିଥାଆନ୍ତି। ଯଦ୍ୱାରା ପାହାଡ଼ ଭଳି ସମସ୍ୟା ଥିଲେ ତାହା ତୁଳା ଭଳି ହୋଇ ଯାଇଥାଏ।'

## ଦୈନିକ ପିଅନ୍ତୁ ୧ କପ୍ କଫି

ଅଧିକାଂଶ ଭାରତୀୟଙ୍କର ଚା ପିଇବାର ଅଭ୍ୟାସ ରହିଛି। ମାତ୍ର ଆପଣ ଜାଣନ୍ତି କି ଚା ଅପେକ୍ଷା କଫି ପିଇବା ଶରୀର ପକ୍ଷେ ବେଶି ଭଲ ହୋଇଥାଏ ? ଯଦି ଆପଣଙ୍କର ଚା ଅଭ୍ୟାସ ରହିଛି ଆପଣ ତା ପରିବର୍ତ୍ତେ ସେହି ସମୟରେ କଫି ପିଇପାରିବେ।

: କଫି ପିଇବା ଦ୍ୱାରା ଶରୀର ସକ୍ରିୟ ରହିଥାଏ। ଅଧିକ କାମ କରିବା ପାଇଁ ଶକ୍ତି ମିଳିଥାଏ। ଆପଣ ଏକ କାର୍ଯ୍ୟ କରିବା ପାଇଁ ଯେତିକି କ୍ଷମ ହୋଇଥିବେ କଫି ପିଇବା ଦ୍ୱାରା ତାହା ପ୍ରାୟ ୧୧ରୁ ୧୨ ପ୍ରତିଶତ ବୃଦ୍ଧି ପାଇଥାଏ।

: କଫି ପିଇବା ଦ୍ୱାରା ଶରୀରର ଓଜନ ହ୍ରାସ କରାଯାଇ ପାରେ। କଫିରେ ପ୍ରଚୁର ପରିମାଣ ମ୍ୟାଗ୍ନେସିୟମ୍ ଓ ପଟାସିୟମ ରହିଛି। ଏହା ଶରୀରରେ ଶର୍କରା ଭାଗକୁ ନିୟନ୍ତ୍ରଣରେ ରଖେ।

କଫିରେ ଥିବା କଫିନ୍ ଶରୀରରୁ ଫ୍ୟାଟ୍ ଦୂର କରିବା ସହ ବ୍ୟକ୍ତିକୁ ସୁସ୍ଥ ରଖିଥାଏ।

: କଫି ପିଇବା ଦ୍ୱାରା କର୍କଟ ରୋଗ ହେବାର ସମ୍ଭାବନା କମ୍ ରହିଥାଏୟ ମହିଳାଙ୍କ କ୍ଷେତ୍ରରେ ୨୫ ପ୍ରତିଶତ ଓ ପୁରୁଷଙ୍କ କ୍ଷେତ୍ରରେ ୨୦ ପ୍ରତିଶତ କର୍କଟ ସମ୍ଭାବନା ହ୍ରାସ ପାଇଥାଏ।

: ମଧୁମେହ ରୋଗୀମାନଙ୍କ ପାଇଁ ବି କଫି ଖୁବ୍ ଭଲ ହୋଇଥାଏ। ମଧୁମେହ ରୋଗୀମାନେ ଦେନିକ ବିନା ଚିନିରେ କଫି ପିଇଲେ ଭଲ।

: ମସ୍ତିଷ୍କ ପାଇଁ ମଧ୍ୟ କଫି ଖୁବ୍ ଉପକାରୀ। କଫି ପିଇବା ଦ୍ୱାରା ମାନସିକ ରୋଗର ସମ୍ଭାବନା କମ୍ ରହିଥାଏ।



## ଶୁକ୍ରଙ୍କ କୃପା ପାଇବାର ସରଳ ଉପାୟ

ଜ୍ୟୋତିଷ ଶାସ୍ତ୍ରରେ ଶୁକ୍ର ଦେବ ଅଥବା ଶୁକ୍ର ଗ୍ରହଙ୍କୁ ସୁଖସମୃଦ୍ଧିର କାରକ ବୋଲି କୁହାଯାଏ। ଶୁକ୍ରଗ୍ରହଙ୍କୁ ପ୍ରେମ ସମ୍ବନ୍ଧର କାରକ ବୋଲି ମଧ୍ୟ କୁହାଯାଏ। ଶୁକ୍ରଙ୍କ ଶୁଭଫଳ ପ୍ରାପ୍ତି ପାଇଁ ଶୁକ୍ରବାର ଖୁବ ଶୁଭ ଦିନ ବୋଲି ମାନ୍ୟତା ରହିଛି। ଶୁକ୍ରଙ୍କ କୃପାରୁ ସୁଖଶାନ୍ତି, ସମୃଦ୍ଧି, ବୈଭବ ଓ ଘରେ ଆର୍ଥିକ ଉନ୍ନତି ହୋଇଥାଏ। ତେବେ ଜାଣନ୍ତୁ ଶୁକ୍ରବାର ପାଇଁ କିଛି ସରଳ ଉପାୟ.

ଶୁକ୍ରବାର ଦିନ ପ୍ରାତଃ ସମୟରେ ଉଠି ସ୍ନାନ କରି ସ୍ୱଚ୍ଛ ବସ୍ତ୍ର ଧାରଣ କରି ମା'ଲକ୍ଷ୍ମୀଙ୍କୁ ପ୍ରଣାମ କରନ୍ତୁ। ମା'ଙ୍କ ନିକଟରେ ପ୍ରାର୍ଥନା କରନ୍ତୁ। ପଦ୍ମ ଫୁଲ ଅର୍ପଣ କରନ୍ତୁ।

ଶୁକ୍ରବାର ଦିନ ଖିରି ପ୍ରସ୍ତୁତ କରି ସେଥିରେ କିଛି କେସର ପକାନ୍ତୁ। ଏହାପରେ ମା'ଲକ୍ଷ୍ମୀଙ୍କ ନିକଟରେ ଏହି ଖିରୀ ଭୋଗ କରନ୍ତୁ। ଆଉ କିଛି ଖିରୀକୁ ୩ଟି ଶିଶୁ କନ୍ୟାକୁ ଖାଇବାକୁ ଦିଅନ୍ତୁ। ଏହାସହ କିଛି ଦକ୍ଷିଣା ଓ ହଳଦିଆ ବସ୍ତ୍ର ମଧ୍ୟ ଦିଅନ୍ତୁ।


ଏହା ଦ୍ୱାରା ମା'ଙ୍କ ଖୁବ କୃପା ମିଳିଥାଏ। ପତିପତ୍ନୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ପାଇଁ ଶୁକ୍ରବାର ଦିନ ପ୍ରେମୀ ପକ୍ଷୀଯୁଗଳଙ୍କ ସୋ ପିସ୍ ଆଣି ଶୟନ କକ୍ଷରେ ରଖନ୍ତୁ। ଶୁକ୍ରବାର ଦିନ ଧବଳ ବସ୍ତ୍ର,ଅତର (ପରଫ୍ୟୁମ) ଆଦି ଦାନ କରନ୍ତୁ। ଏହାଛଡା ନିଜେ ମଧ୍ୟ ପରଫ୍ୟୁମ ବ୍ୟବହାର କରନ୍ତୁ। ଜାତକରେ ଶୁକ୍ରଙ୍କ ଉତ୍ତମ ସ୍ଥିତି ପାଇଁ ଶୁକ୍ରବାର ଦିନ ଶୁକ୍ର ସ୍ତୋତ୍ର ପାଠ କରନ୍ତୁ। ଏହାଦ୍ୱାରା ଶୁକ୍ରଙ୍କ ଉତ୍ତମ ଓ ଶୁଭଫଳ ପ୍ରାପ୍ତି ହୋଇଥାଏ।



# ଘର କୋଣକୁ କରନ୍ତୁ ନାହିଁ ନଜର ଅନ୍ଦାଜ୍, କରିପାରିବେ ଏପରି ଡେକୋରେଟ୍

ପ୍ରାୟ ଲୋକ ଘର ସଜାଇବା ସମୟରେ ଘରର କୋଣକୁ ହିଁ ସର୍ବାଧିକ ଅବହେଳା କରିଥାନ୍ତି ।ଏପରିକି ଘରକୋଣକୁ ଖାଲି ଛାଡି ଦେଇଥାନ୍ତି । ଫଳରେ ଘରେ ଥିବା ସ୍ଥାନର ଉପଯୁକ୍ତ ସ୍ପେଶ୍ ମ୍ୟାନେଜମେଣ୍ଟ ହୋଇପାରେନା। କେହି କେହି କୋଣରେ ଅତି ବେଶିରେ ଗଛଟିଏ ରଖି ଦେଇଥାନ୍ତି । ଯଦି ଉପଯୁକ୍ତ ଭାବେ ସ୍ପେଶ୍ ମ୍ୟାନେଜ୍ କରିବାକୁ ଚାହୁଁଥାନ୍ତି, ତେବେ ଘରର କୋଣକୁ ଖୁବ୍ ସୁନ୍ଦର ଭାବେ ଡେକୋରେଟ୍ କରିପାରିବେ। ଯାହା ଲୋକଙ୍କର ଖୁବ୍ ଦୃଷ୍ଟି ଆକର୍ଷଣ କରିପାରିବ ।ଛୋଟ ଲାଇବ୍ରେରୀ : ଯଦି ଆପଣ ପଢାପଢିକୁ ବେଶି ଗୁରୁତ୍ୱ ଦେଉଥାନ୍ତି, ତେବେ ଘରର ଲିଭିଙ୍ଗ୍ ଏରିଆରେ ଥିବା କୋଣକୁ ଛୋଟ ଲାଇବ୍ରେରୀର ରୂପ ଦେଇପାରିବେ । ଘରର କୋଣରେ ଥାକ ବ୍ୟବସ୍ଥା କରି ସେଥିରେ କିଛି ଭଲ ବହି ରଖି ଦେଇପାରିବେ, ଯାହାକୁ ଆପଣ ଯେକୌଣସି ସମୟରେ ନେଇ ପଢାପଢି କରିପାରିବେ । ଏହା ଘରର ଲୁକରେ ପରିବର୍ତ୍ତନ ଆଣି ଦେଇଥାଏ । ମିନି ଅଫିସ୍: ଯଦି ଆପଣ ସମ୍ପୂର୍ଣ୍ଣ ଘରୁ କାମ କରୁଥାନ୍ତି କିମ୍ବା କେବେ କେବେ ଘରୁ ଅଫିସ୍ କାମ କରୁଥାନ୍ତି, ତେବେ ଘରର ଖାଲି କୋଣକୁ ମିନି ଅଫିସ୍ ଭାବେ ବ୍ୟବହାର କରିପାରିବେ । କୋଣରେ ୱାର୍କ ଟେବଲ୍ ରଖି ତା' ଉପରେ ଫ୍ଲୋଟିଙ୍ଗ୍ ସେଲ୍ଫ ରଖି ଅଫିସ୍ ଫାଇଲ୍ ରଖିପାରିବେ ।

ବସିବା ପାଇଁ ସ୍ଥାନ: ଘରର ଖାଲି କୋଣକୁ ବସିବା ପାଇଁ ସ୍ଥାନ ବା ସିଟିଙ୍ଗ ଏରିଆ ଭାବେ ବ୍ୟବହାର କରିପାରିବେ। କେବେ କେବେ ଆମେ ନିଜ ସହ ସମୟ ବିତାଇବାକୁ ପସନ୍ଦ କରିଥାଉ । ଏହି ସମୟରେ ଘରର କୋଣକୁ ବ୍ୟବହାର କରିପାରିବେ । ଫଟୋ କର୍ଣ୍ଣର୍: ଯଦି ଚାହିଁବେ ଘରର କୋଣକୁ ଫଟୋ ଏରିଆ ଭାବେ ଡେକୋରେଟ୍ କରିପାରିବେ। ପରିବାରର ସମସ୍ତଙ୍କ ଫଟୋକୁ ନେଇ ଏହି କୋଣର କାନ୍ଥକୁ ସୁନ୍ଦର ଭାବେ ସଜାଇପାରିବେ ।ସୁନ୍ଦର ଫଟୋଗୁଡିକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ ନିଶ୍ଚୟ । ଯଦି ଆପଣଙ୍କ ଘର ଛୋଟ ହୋଇଥାଏ, ତେବେ ଏହି କୋଣକୁ ଖାଲି ନ ପକାଇ ସୁବିନିଯୋଗ ନିଶ୍ଚୟ କରନ୍ତୁ ।



## ଆର୍ଥିକ ସଙ୍କଟ ଦୂରେଇବାକୁ ହେଲେ ଅଣଦେଖା କରନ୍ତୁନି ଏହିସବୁ ନିୟମ

ଜୀବନରେ ବାସ୍ତୁଶାସ୍ତ୍ରର ଅନେକ ମହତ୍ତ୍ୱ ରହିଛି । ବାସ୍ତୁଶାସ୍ତ୍ର ଜୀବନଶୈଳୀ ଉପରେ ବିଭିନ୍ନ ପ୍ରଭାବ ପକାଇଥାଏ । ବାସ୍ତୁଶାସ୍ତ୍ର ଅନେକ ସମସ୍ୟା ସମାଧାନ କରିଥାଏ । ସେଥିପାଇଁ ଲୋକେ ଘର ତିଆରି କରିବା ପୂର୍ବରୁ ବାସ୍ତୁଶାସ୍ତ୍ରର ସବୁ ଦିଗ ପ୍ରତି ଦୃଷ୍ଟି ନେଇ ଘର ତିଆରି କରିଥାନ୍ତି । ବାସ୍ତୁ ନିୟମ ଅନୁସରଣ କରି ଜୀବନକୁ ସୁଖମୟ କରାଯାଇପାରିବ । ବାସ୍ତୁଶାସ୍ତ୍ରରେ ଏମିତି କିଛି ନିୟମ ରହିଛି ଯାହାକୁ ଅଣଦେଖା କରିବା ଦ୍ୱାରା ଜୀବନ ଉପରେ ତାର ନକାରାତ୍ମକ ପ୍ରଭାବ ପଡିଥାଏ । ନକାରାତ୍ମକ ପ୍ରଭାବ ଅନେକ ସମସ୍ୟା ସୃଷ୍ଟି କରିପାରେ । ବାସ୍ତୁଶାସ୍ତ୍ରର ଏହି ସରଳ ନିୟମ ପାଳନ କରିବା ଦ୍ୱାରା ଜୀବନରେ ସକାରାତ୍ମକ ପ୍ରଭାବ ପଡିବ । ବାସ୍ତୁଶାସ୍ତ୍ରରେ ଏମିତି ବି କିଛି ନିୟମ ରହିଛି ଯାହାକୁ ଅଣଦେଖା କଲେ ଆର୍ଥିକ ସଙ୍କଟ ମଧ୍ୟ ଦେଖାଦେଇପାରେ ।



ଜାଣନ୍ତୁ ବାସ୍ତୁଶାସ୍ତ୍ରର ସରଳ ନିୟମ :

୧. ଘର ସର୍ବଦା ସଫାସୁତୁରା ଓ ସ୍ୱଚ୍ଛ ରଖିବା ଉଚିତ ।

୨. ଘରେ ଯେଉଁ ସ୍ଥାନରେ ଟ୍ରେଜେରି ଅଛି ବା ଧନ ରଖନ୍ତି ସେଠାରେ ବୁଢିଆଣୀ ଜାଲ ରହିବାକୁ ଦିଅନ୍ତୁନି, ସର୍ବଦା ସଫା ରଖନ୍ତୁ।

୩. ଟଙ୍କା ରଖୁଥିବା ଆଲମିରା ବା ଟ୍ରେଜେରି ଏହିଭଳି ରଖନ୍ତୁ ଯେପରି ତାହା ଉତ୍ତର ଦିଗ ଆଡକୁ ଖୋଲୁଥିବ ।

୪. ଯେଉଁ ଆଲମିରାରେ ଆପଣ ଟଙ୍କା, ଗହଣା ଆଦି ରଖୁଛନ୍ତି ତାହା କେବେ ବି ଦକ୍ଷିଣ ଦିଗ ଆଡକୁ ଖୋଲିବା ଉଚିତ ନୁହେଁ, ତାର ମୁହଁ ଉତ୍ତର ଆଡକୁ ରହିବା ଉଚିତ ।

୫. ଘରେ ଅଯଥା ପାଣି ନଷ୍ଟ କରନ୍ତୁନି, ଘରେ ନଳରୁ ପାଣି ଝରିବା ଶୁଭ ନୁହେଁ, ଘରେ ଅଯଥା ନଳରୁ ପାଣି ଝରୁଥିଲେ ଟଙ୍କା ରହେନାହିଁ ଏବଂ ଆର୍ଥିକ ସଙ୍କଟ ଦେଖାଦିଏ ବୋଲି କୁହାଯାଏ ।

୬. ଖାଇବା ବେଳେ ମନେ ରଖିବେ, ଭୋଜନ ଥାଳିକୁ କୌଣସି ପିଢା କିମ୍ବା ଆସନରେ ସମ୍ମାନର ସହ ରଖିବା ଉଚିତ, ଅନ୍ନକୁ ସର୍ବଦା ସମ୍ମାନ ଦେବା ଉଚିତ ।

୭. ଖାଇବା ପରେ ଭୋଜନ ଥାଳିରେ କେବେ ବି ହାତ ଧୁଅନ୍ତୁ ନାହିଁ। ରାତିରେ ଘରେ ଅଇଁଠା ବାସନ ପକାଇ ରଖନ୍ତୁ ନାହିଁ, ବାସନ ସଫା କରି ଶୋଇବା ଉଚିତ ।

୮. ଘରର ରୋଷେଇ ଘର ସବୁବେଳେ ଆଗ୍ନେୟ କୋଣରେ ରହିବା ଉଚିତ ।

୯. ଟଏଲେଟ, ଗାଧୁଆ ଘର, ରୋଷେଇ ଘର ଗୋଟିଏ ସିଧାରେ ନିର୍ମାଣ କରିବା ଉଚିତ ନୁହେଁ ।

୧୦. ଘରର ରୋଷେଇ ଘର ଓ ଟଏଲେଟ କବାଟ କେବେ ବି ସମ୍ନାସାମ୍ନି ରଖିବା ଉଚିତ ନୁହେଁ ।

# ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୯।୮ (ମହାଭାରତ): ଫଟୋ କଥା କୁହେ। ହେଲେ କଥାକୁହା ଫଟୋ ସମସ୍ତେ ଉଠାଇ ପାରିବେ ନାହିଁ। ବାହାଘର ଫଟୋ ସୁଟ୍ ସହଜ। ହେଲେ ପେଶାଦାର ଫଟୋଗ୍ରାଫରଙ୍କ ଆଭିମୁଖ୍ୟ ନିଆରା ହୋଇଥାଏ। ପେଶାଦାର ସାମ୍ବାଦିକମାନଙ୍କୁ ପ୍ରୋତ୍ସାହନ କରିବା ଦିଗରେ ରାଜ୍ୟ ସରକାର ନିଶ୍ଚିତ ଭାବେ ପଦକ୍ଷେପ ନେବେ। ନବୀନ ସୂତ୍ରଧର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ତୃତୀୟ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଏହା କହିଛନ୍ତି।

ମୁଖ୍ୟଅତିଥି ଭାବେ ଯୋଗଦେଇ ସୂରଜ କହିଲେ ଯେ, ଗୋଟିଏ ଗୋଟିଏ ଫଟୋ ସମାଜର ପ୍ରକୃତ ଚିତ୍ରକୁ ବଖାଣିଥାଏ। ଫଟୋଟିଏ ଅନେକ ମନକୁ ଆନ୍ଦୋଳିତ କରିପାରେ। ଅତୀତରେ ଗୋଟିଏ ଫଟୋ ସାରା ବିଶ୍ୱରେ ବି ଆଲୋଡ଼ନ ସୃଷ୍ଟି କରିବାର ନଜିର ରହିଛି। ପେଶାଦାର ଫଟୋଗ୍ରାଫି ଏକ କଳା। ଏହାକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ସେ ଏହି ଦାୟିତ୍ୱ ନେବାକୁ ଚାହୁଁଛନ୍ତି। ନିଶ୍ଚିତ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ କିଛି ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଉତ୍ସବର ଅନ୍ୟତମ ଆକର୍ଷଣ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଫଟୋ କିଭଳି ତାଙ୍କୁ ବିଦେଶରେ ଏକ ଅପ୍ରୀତିକର ସ୍ଥିତିରୁ ରକ୍ଷା କରିଥିଲା ସେନେଇ କହିଥିଲେ। ବାଲୁକା କଳା ଆରମ୍ଭ କାଳରେ ସେ ଫଟୋଟିଏ ସାଇତି ରଖିବାର ବ୍ୟାକୁଳତା କଥା ବି ମନେ ପକାଇଥିଲେ। ରାଜ୍ୟ ସରକାରଙ୍କ ଲଳିତ କଳା ଏକାଡେମୀ ପକ୍ଷରୁ ସରକାରୀ ସ୍ତରରେ ବିଭିନ୍ନ ଫଟୋ ପ୍ରଦର୍ଶନୀ ଆୟୋଜନ ପାଇଁ ୧୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଥିବା ସେ ପ୍ରକାଶ କରିଛନ୍ତି। ଏଦିଗରେ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

ନବୀନ ସୂତ୍ରଧର ଟ୍ରଷ୍ଟ ପକ୍ଷରୁ ବିଗତ ତିନି ବର୍ଷ ଧରି ବିଶ୍ୱ ଫଟୋଗ୍ରାଫି ଦିବସକୁ ବେଶ ଉତ୍ସାହର ସହ ପାଳନ କରାଯାଉଛି। ତତ ସହିତ ଏହି ଅବସରରେ ନବୀନ ସୂତ୍ରଧର ଟ୍ରଷ୍ଟ ପକ୍ଷରୁ ତୃତୀୟ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ସ୍ଥାନୀୟ ଜୟଦେବ ଭବନ ରେ ଆରମ୍ଭ ହୋଇଯାଇଛି। ଏଥିରେ ସାରା ରାଜ୍ୟରୁ ୭୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ଫଟୋ ମାଧ୍ୟମରେ ସେମାନଙ୍କ କଳା ନୈପୁଣ୍ୟତା ପରିପ୍ରକାଶ କରିଛନ୍ତି। ଏହି ପ୍ରଦର୍ଶନୀ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସକାଳ ୯ ଟାରୁ ସନ୍ଧ୍ୟା ୮ ଘଟିକା ପର୍ଯ୍ୟନ୍ତ ଦର୍ଶକ ତଥା ଫଟୋପ୍ରେମୀ ଓ ଉତ୍ସାହୀ ଛାତ୍ରଛାତ୍ରୀଙ୍କ ପରିଦର୍ଶନ ପାଇଁ ଉନ୍ମୁକ୍ତ ରହିବ ବୋଲି ଅନୁଷ୍ଠାନର ଅଧକ୍ଷ ଲକ୍ଷ୍ମୀକାନ୍ତ ଦାସ ପ୍ରକାଶ କରିଛନ୍ତି।

# ନବୀନ ନିବାସରେ ରକ୍ଷା ବନ୍ଧନ

ଭୁବନେଶ୍ୱର,୧୯।୮ (ମହାଭାରତ): ରକ୍ଷା ବନ୍ଧନ ଅବସରରେ ଆଜି ବିଭିନ୍ନ ଅନୁଷ୍ଠାନ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ମାନେ ନବୀନ ନିବାସ ଆସି ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ପଟ୍ଟନାୟକ ମଧ୍ୟ ଶୁଭେଚ୍ଛା ଗ୍ରହଣ କରି ସମସ୍ତଙ୍କୁ ରାକ୍ଷୀ ପାଇଁ ଅଭିନନ୍ଦନ ଜଣାଇଥିଲେ। ଭୁବନେଶ୍ୱର ଭରତପୁର ସ୍ଥିତ ଲୁଇ ବ୍ରେଲି ଦୃଷ୍ଟି ବାଧିତ ବିଦ୍ୟାଳୟ ର ଦୃଷ୍ଟି ବାଧିତ କୁନି କୁନି ଝିଅ ମାନେ ପ୍ରଥମେ ଶ୍ରୀ ପଟ୍ଟନାୟକଙ୍କୁ ରାଖୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ପିଲା ମାନଙ୍କୁ ଆଶୀର୍ବାଦ କରିବା ସହ ସମସ୍ତଙ୍କୁ ଉପହାର ଦେଇଥିଲେ।



ପରେ ପରେ ଲା କିଡ଼ସ ପ୍ଲେ ସ୍କୁଲ ର କୁନି କୁନି ପିଲାମାନେ ରାକ୍ଷୀ ବାନ୍ଧି ଥିଲେ। ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସଙ୍କ ନେତୃତ୍ୱ ରେ ବିଭିନ୍ନ ୱାର୍ଡ ର କର୍ପୋରେଟରମାନେ ମଧ୍ୟ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ରାଖୀ ବାନ୍ଧି ଥିଲେ। ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ ,ବିଜୁ ଜନତା ଦଳ ମୁଖପାତ୍ର ଲେଖାଶ୍ରୀ ସାମନ୍ତ ସିଂହାର, ଭାରତ ସ୍କାଉଟ ଏବଂ ଗାଇଡିସର ସ୍ୱେଚ୍ଛାସେବୀ ମାନେ ଭୁବନେଶ୍ୱର ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ର ବ୍ରହ୍ମକୁମାରୀ ଓ ବ୍ରାହ୍ମକୁମାର ମାନେ, ଲିଙ୍ଗରାଜ ବିହାର ଓ ଏୟାରପୋର୍ଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ଓ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ମାନେ ଶ୍ରୀ ପଟ୍ଟନାୟକ ଙ୍କୁ ରାଖୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ।

# ସେପ୍ଟେମ୍ବର ୧ ରୁ ବିଜେପିର ସଦସ୍ୟତା ଅଭିଯାନ

ଭୁବନେଶ୍ୱର,୧୯।୮ (ମହାଭାରତ): ବିଜେପିର ଆରମ୍ଭ ହେବ ସଦସ୍ୟତା ଅଭିଯାନ । ସମଗ୍ର ଦେଶ ସମେତ ଓଡିଶାରେ ମଧ୍ୟ ବିଜେପିର ସଦ୍ୟସତା ଅଭିଯାନ ଆହୁରି ଆଗକୁ ନେବା ଏବଂ ନୂଆ ସଦସ୍ୟମାନଙ୍କୁ ଦଳରେ ସାମିଲ କରିବା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ପ୍ରଥମେ ରାଜ୍ୟ, ଜିଲ୍ଲା, ମଣ୍ଡଳ ଓ ବୁଥ ସ୍ତରରେ କାର୍ଯ୍ୟକର୍ତାଙ୍କୁ ନେଇ ଅନୁଷ୍ଠିତ ହେବ ସ୍ୱତନ୍ତ୍ର କର୍ମଶାଳା । ଆସନ୍ତା କାଲି ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବ ଏବଂ ରାଜ୍ୟର ସମସ୍ତ ସାଂସଦ, ବିଧାୟକ, ପଦାଧିକାରୀ, ଜିଲ୍ଲା ସଭାପତି, ସାଧାରଣ ସଂପାଦକ, ପ୍ରଭାରୀ ଏବଂ ସଦସ୍ୟତା କମିଟିର ସଦସ୍ୟମାନେ ଉପସ୍ଥିତ ରହିବେ। ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡା, ରାଷ୍ଟ୍ରୀୟ ସଦସ୍ୟତା ଅଭିଯାନ ଟୋଲିର ସଦସ୍ୟ ଋତୁରାଜ ସିହ୍ନା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଏବଂ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିବେ । ସେହିପରି ସଦସ୍ୟତା ଅଭିଯାନ ପାଇଁ ଆସନ୍ତା ୨୨, ୨୩ ଓ ୨୪ରେ ଜିଲ୍ଲାସ୍ତରୀୟ ଏବଂ ୨୫, ୨୬ ଓ ୨୭ ତାରିଖରେ ମଣ୍ଡଳସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବ । ଆସନ୍ତା ୩୧ ତାରିଖ ସୁଦ୍ଧା ବୁଥସ୍ତରୀୟ କର୍ମଶାଳା ସମାପ୍ତ ହେବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସୁଚନା ଦେଇଛନ୍ତି। ସର୍ବଭାରତୀୟ ସଦସ୍ୟତା ଅଭିଯାନ ପାଇଁ ଗତ ୧୭ ଓ ୧୮ ତାରିଖ ଦିନ ଦିଲ୍ଲୀଠାରେ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ସେପ୍ଟେମ୍ବର ୧ ତାରିଖ ଦିନ ରାଷ୍ଟ୍ରୀୟସ୍ତରରେ ସଦସ୍ୟତା ଅଭିଯାନର ଶୁଭାରମ୍ଭ ହେବ । ସର୍ବପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ସଦସ୍ୟତା ଗ୍ରହଣ କରିବା ପରେ ଦେଶବ୍ୟାପୀ ଆରମ୍ଭ ହେବ ସଦସ୍ୟତା ଅଭିଯାନ । ଦଳର ବିଚାରଧାରାକୁ ଭଲ ପାଉଥିବା ଏବଂ ବିଜେପିକୁ ସମର୍ଥନ କରୁଥିବା ଲୋକଙ୍କୁ ସଦସ୍ୟ କରାଯିବ । ଲୋକଙ୍କ ପାଖକୁ ଯାଇ ସଂପର୍କ ସ୍ଥାପନା କରିବେ କାର୍ଯ୍ୟକର୍ତା। ୧୮ ବର୍ଷରୁ ଉର୍ଦ୍ଧ୍ୱ ନାଗରିକ ସଦସ୍ୟ ହୋଇପାରିବେ। ଓଡିଶାରେ ୧ କୋଟି ସଦସ୍ୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହାଇଛି। ଚଳିତ ଥର ରାଜ୍ୟରେ ୧ ଲକ୍ଷ 'ସକ୍ରିୟ ସଦସ୍ୟ' ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ରାଜ୍ୟରେ ସଦସ୍ୟତା ଅଭିଯାନର ମୁଖ୍ୟ ଭାବେ ବରିଷ୍ଠ ନେତା ରଞ୍ଜନ ପଟେଲଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ।

# ଟୋଟାଲ ଟେକ୍ନୋଲୋଜି ସିଷ୍ଟମର ନୂତନ କ୍ୟାମ୍ପସ ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୮ (ମହାଭାରତ): ବୈଷୟିକ ଶିକ୍ଷା ତଥା ବୃତ୍ତିଗତ ବିକାଶର ଅଗ୍ରଣୀ ପ୍ରଦାନକାରୀ ଟୋଟାଲ୍ ଅପସ୍କିଲ ଟ୍ରେନିଂର ସୁବିଧା (ଟୋଟାଲ୍ ଟେକ୍ନୋଲୋଜି ସିଷ୍ଟମର ଏକ ଉଦ୍ୟୋଗ)ଭୁବନେଶ୍ୱରରେ ଆରମ୍ଭ ହୋଇଯାଇଛି। ଏହା ସଫ୍ଟୱେର୍ ବିକାଶ, ଏଆଇ / ଏମଲ , କମ୍ପ୍ୟୁଟର ଭିଜନ, ଡାଟା ସାଇନ୍ସ, ଟେଷ୍ଟିଂ ଏବଂ ଅଟୋମେସନ୍, ସାଇବର ସିକ୍ୟୁରିଟି, କ୍ଲାଉଡ୍ ଆଣ୍ଡ ଡିଭପ୍ସ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଅତ୍ୟାଧୁନିକ ପାଠ୍ୟକ୍ରମ ପ୍ରଦାନ କରିବ। ଆଇନ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ପୂର୍ବତନ ଉତ୍ତର ଭୁବନେଶ୍ୱର ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ଦ୍ୱାରା ଏହା ଉଦଘାଟିତ ହୋଇଛି। ନୂତନ



ସୁବିଧାରେ ଆଧୁନିକ ଶ୍ରେଣୀଗୃହ, ସଂପୂର୍ଣ୍ଣ ସଜ୍ଜିତ କମ୍ପ୍ୟୁଟର ଲ୍ୟାବ, ସହଯୋଗୀ କାର୍ଯ୍ୟକ୍ଷେତ୍ର ଏବଂ ଏକ ଉତ୍ସ କେନ୍ଦ୍ର ଅନ୍ତର୍ଭୁକ୍ତ। ବିଶେଷଜ୍ଞ ପ୍ରଶିକ୍ଷକ ଏବଂ ଶିଳ୍ପ ସହଭାଗିତା ସହିତ, ଟୋଟାଲ୍ ଅପ୍ ସ୍କିଲ୍ ପାଠ୍ୟକ୍ରମ ପ୍ରଦାନ କରେ ଯାହା ନୂତନ ତଥା ଉନ୍ନତ ଶିକ୍ଷାର୍ଥୀମାନଙ୍କୁ ଯୋଗାଇଥାଏ ଅକ୍ଟୋବର ୨୦୨୪ ରେ କ୍ଲାସ ଆରମ୍ଭ ହେବାକୁ ଥିବା ଆଗାମୀ ପାଠ୍ୟକ୍ରମ ପାଇଁ ନାମଲେଖା ବର୍ତ୍ତମାନ ଖୋଲା ଅଛି। ଏହି ନୂତନ ସୁବିଧା ଉଚ୍ଚ-ଗୁଣାତ୍ମକ ବୈଷୟିକ ତାଲିମ ପ୍ରଦାନ କରିବ। ନୂତନ କ୍ୟାମ୍ପସରେ ଅତ୍ୟାଧୁନିକ ଜ୍ଞାନକୌଶଳ, ହ୍ୟାଣ୍ଡ-ଅନ୍ ଲର୍ଣ୍ଣିଂ ପରିବେଶ ଏବଂ ଏକ ପାଠ୍ୟକ୍ରମ ଯାହା ଅତ୍ୟାଧୁନିକ ଶିଳ୍ପ ଧାରା ସହିତ ସମାନ ହେବ। ଏହା ବ୍ୟକ୍ତିବିଶେଷଙ୍କୁ କୌଶଳ ହାସଲ କରିବାରେ ସାହାଯ୍ୟ କରିବ ଯାହା ସେମାନଙ୍କୁ ସେମାନଙ୍କ ବୃତ୍ତିରେ ଉନ୍ନତି କରିବାକୁ ସହାୟକ ହେବ।

# ଲାଇଫ ହୋଟେଲ ଭୁବନେଶ୍ୱର ଅଗଷ୍ଟ ପାଇଁ ଖୁସିର ମାସ ଘୋଷଣା

ଭୁବନେଶ୍ୱର,୧୯।୮ (ମହାଭାରତ): ୨୦୨୪ ଅଗଷ୍ଟ ମାସରେ ହେବାକୁ ଥିବା ବିଭିନ୍ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ଲାଇଫ୍ ହୋଟେଲସ୍ ଭୁବନେଶ୍ୱର ଆନନ୍ଦ ଓ ଉତ୍ସବର କେନ୍ଦ୍ରବିନ୍ଦୁ ହେବାକୁ ଯାଉଛି। ସମୃଦ୍ଧ ଅନୁଭୂତି ପ୍ରସ୍ତୁତ କରିବା ପାଇଁ ଏହାର ପ୍ରତିବଦ୍ଧତା ପ୍ରଦର୍ଶନ କରି, ହୋଟେଲ ରେ ଏକ ଉତ୍ସବର ଧାଡ଼ି ଉପସ୍ଥାପନ କରାଯାଇଛି ଯାହା ସମସ୍ତ ଅତିଥିଙ୍କୁ ଆନନ୍ଦିତ ଏବଂ ଆକର୍ଷିତ କରିବାର ପ୍ରତିଶ୍ରୁତି ଦେଇଥାଏ । ଅଗଷ୍ଟ ୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଚକୋଲେଟ୍ ପ୍ରେମୀମାନେ କାଫେ ଡେଲିରେ ଡାର୍କ ଫ୍ୟାଟାସି ଅଫରରେ ସାମିଲ ହୋଇପାରିବେ, ଯେଉଁଠାରେ ମେନୁ ଡାର୍କ ଚକୋଲେଟ୍ ମିଠାର ଆଶ୍ରୟସ୍ଥଳୀରେ ପରିଣତ ହେବ। ଇନ୍ଲ୍ କ୍ଷାଣ୍ଡରେ ସୁନ୍ଦର ଭାବରେ ପ୍ରଦର୍ଶିତ ଏହି ମେନୁ କେବଳ ଆଖି ପାଇଁ ଭୋଜି ହେବ ନାହିଁ ବରଂ ପ୍ରକୃତରେ ଏକ ଖରାପ ଅନୁଭୂତି ପାଇଁ ମଂଚ ମଧ୍ୟ ପ୍ରସ୍ତୁତ କରିବ। ଅଗଷ୍ଟ ୧୫ ରେ ସ୍ୱାଧୀନତା ଦିବସ ଲିଫେ କିଚେନରେ ଏକ ଭବ୍ୟ ବ୍ରଚ୍ ସହିତ ପାଳନ କରାଯିବ, ଯାହାର ମୂଲ୍ୟ ୧୮୯୫ ଟଙ୍କା (ଟିକସ ବ୍ୟତୀତ), ଲାଇଭ୍ ବାଦ୍ୟ ସଙ୍ଗୀତ ଏବଂ ଚେହେରା ଚିତ୍ରକଳା କାର୍ଯ୍ୟକଳାପ ଏବଂ ଦେଶାତ୍ମବୋଧକ ଗୀତ ଦ୍ୱାରା ବୃଦ୍ଧି ପାଇବ । ଏହି ହୋଟେଲର ସଜ୍ଜା ଦେଶର ରଙ୍ଗକୁ ପ୍ରତିଫଳିତ କରିବା ସହ ଏକ ଜୀବନ୍ତ ଓ ଦେଶାତ୍ମବୋଧକ ପରିବେଶ ସୃଷ୍ଟି କରିବ। ଅଗଷ୍ଟ ୧୯ ତାରିଖରେ, ରକ୍ଷାବନ୍ଧନରେ ସମସ୍ତ ଭୋଜନ ରେ ୨୦% ରିହାତି ଏବଂ ଅଗଷ୍ଟ ୧୪ ତାରିଖରୁ ଉପଲବ୍ଧ ରକ୍ଷାବନ୍ଧନ ହାମ୍ପର୍ସ ଉପରେ ୨୦% ରିହାତି ପ୍ରଦାନ କରାଯିବ, ଯାହା ପରିବାରଗୁଡ଼ିକୁ ଏକ ସ୍ମରଣୀୟ ଉତ୍ସବ ସୁନିଶ୍ଚିତ କରିବ ।

# ବେଦର ପ୍ରତ୍ୟେକ ମନ୍ତ୍ର ବିଶ୍ୱର କଲ୍ୟାଣ ପାଇଁ ଉଦ୍ଦିଷ୍ଟ



ଭୁବନେଶ୍ୱର,୧୯।୮ (ମହାଭାରତ): ପ୍ରାଚୀନ ବୈଦିକ ଯୁଗରୁ ମୁନିଋଷିମାନେ ଚତୁର୍ମାସ୍ୟା ବ୍ରତ ପାଳନ କରି ଶ୍ରାବଣ ପୂର୍ଣ୍ଣିମା ଠାରୁ ବିଭିନ୍ନ ଗ୍ରାମ ଓ ଜନପଦ ଭ୍ରମଣ କରି ବେଦ ଓ ବୈଦିକ ବିଚାରକୁ ଜନମାନସରେ ବିତରଣ କରୁଥିଲେ। ଏହି ଦିବସକୁ ସ୍ମରଣ କରି 'ଶ୍ରାବଣୀ ଉପାକର୍ମ' ପର୍ବ ଏକ ବୈଦିକ ପର୍ବ ଭବେ ପାଳିତ ହୋଇଆସୁଛି।

ଶ୍ରାବଣ ପୂର୍ଣ୍ଣିମା ଅବସରରେ ଆଜି ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ ଆର୍ଯ୍ୟ ସମାଜ ଓଡିଶା ପକ୍ଷରୁ ପୂର୍ବ ବର୍ଷମାନଙ୍କ ଭଳି ଚଳିତବର୍ଷ ଶ୍ରାବଣୀ ଉପାକର୍ମ ଓ ରକ୍ଷାବନ୍ଧନ ଉତ୍ସବ ଶ୍ରୀ ଅରବିନ୍ଦ ନଗରସ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ଭବନ ସଭା ମଣ୍ଡପରେ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୌରହିତ୍ୟ କରି ଆର୍ଯ୍ୟସମାଜ ଓଡ଼ିଶାର ଅଧ୍ୟକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର କହିଲେ ଯେ, ଆର୍ଯ୍ୟ ସଂସ୍କୃତି ଓ ପରମ୍ପରାକୁ ଏହିଦିନ ଆମକୁ ମନେ ପକାଇ ଦେଇଥାଏ। ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ କହିଲେ ଯେ, ଦେବଋଣ, ଋଷିଋଣ, ପିତୃଋଣ ପରିଶୋଧର ସଂକଳ୍ପକୁ ପୁନଃ ଜାଗୁରିକ କରିବା ପାଇଁ ଆଜିର ଦିନରେ ଯଜ୍ଞ ଉପବିତକୁ ପରିବର୍ତ୍ତନ କରି ନୂତନ ଯଜ୍ଞ ଉପବିତ ଧାରଣ କରାଯାଇଥାଏ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ ହରେକୃଷ୍ଣ ଶତପଥି କହିଲେ ଯେ ଆଜିର ଦିବସ ଏକ ମହନୀୟ ଦିବସ, ସ୍ୱଭାବ କବି ଗଙ୍ଗାଧରଙ୍କ ଜନ୍ମ ଦିବସ, ସଂସ୍କୃତ ଦିବସ ଭାବେ ସର୍ବଭାରତୀୟସ୍ତରରେ ପାଳିତ ହେଉଛି। ଆମ ସଂସ୍କୃତି ଓ ପରମ୍ପରା ପ୍ରତି ଯୁବକମାନଙ୍କୁ ଆକୃଷ୍ଟ କରାଇବା ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍। ପଦ୍ମଶ୍ରୀ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ବିଶିଷ୍ଟ ଶିକ୍ଷାବିତ୍ ଡଃ ବୁଦ୍ଧଦେବ ମିଶ୍ର, ବିଶିଷ୍ଟ ଶ୍ରମିକ ନେତା କିଶୋର ଜେନା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଆମ ପୂର୍ବ ଐତିହାସିକ ଗାଥା ରାଣୀ କର୍ଣ୍ଣାବତୀ ନିଜର ରକ୍ଷା ପାଇଁ ଦିଲ୍ଲୀ ସମ୍ରାଟ ହୁମାୟୁନଙ୍କ ନିକଟକୁ ପଠାଇଥିବା ରକ୍ଷାସୂତ୍ରକୁ ସ୍ମରଣ କରାଇ ସେହି ଐତିହାସିକ ଯୁଗରୁ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧିବାର ପରମ୍ପରା ରହିଆସିଛି ବୋଲି କହିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସୀତାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଓ ନଳିନୀକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମରେନ୍ଦ୍ର ମହାପାତ୍ର, ପାଲାଋର୍ଯ୍ୟ ନାରାୟଣ ଶୁକ୍ଳା, ବାସ୍ତୁବିତ୍ ଶିଖିତା ମହାପାତ୍ର, ଗୋସେବକ କମଲ ଅଗ୍ରୱାଲ, କବୟିତ୍ରୀ ସବିତା ଶୁକ୍ଳା, ପ୍ରମୁଖ ବହୁଛାତ୍ର ଯୁବକ, ମହିଳା ଯୋଗଦେଇ ନୂତନ ଯଜ୍ଞ ଉପବିତ ଧାରଣ କରିବା ସହ ପୂଜ୍ୟ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ଦ୍ୱାରା ରକ୍ଷା ସୂତ୍ର ବନ୍ଧନ କରିଥିଲେ। କାର୍ଯ୍ୟକ୍ରମକୁ ଜନ୍ମେଞ୍ଜୟ ନାୟକ, ଅଭିମନ୍ୟୁ ପାଢୀ, ବରୁଣ ରାଜ ଓ ଭବାନୀକାନ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନକଲି ଚାବିରେ ଥାନାରୁ ବାଇକ୍ ଚୋରି

ଭୁବନେଶ୍ୱର,୧୯।୮ (ମହାଭାରତ): ବ୍ଲକିଂ ଚେକିଂ ବେଳେ ନିଶାସକ୍ତ ଅବସ୍ଥାରେ ରଙ୍ଗ୍ ରୁଟରେ ବାଇକ ଚଳାଇ ଯାଉଥିବା ବେଳେ ଟ୍ରାଫିକ୍ ଥାନା ପୋଲିସ ହାବୁଡରେ ପଡିଥିଲେ ଯୁବକ। ବାଇକକୁ ଜବତ କରି ପୋଲିସ ପିଆର ଧରାଇଥିଲା। ତେବେ ପିଆର ନମ୍ବର ନେବାକୁ ଆସି ଟ୍ରାଫିକ ଥାନା-୨ ପରିସରରୁ ନକଲି ଚାବି ସାହାଯ୍ୟରେ ବାଇକ ଚୋରାଇ ନେଇଥିଲା। ଏହି ଅଭିଯୋଗରେ ଭରତପୁର ଥାନା ପୋଲିସ ଉକ୍ତ ବାଇକକୁ ଜବତ କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ଗତକାଲି ରାତିରେ ଟ୍ରାଫିକ ଥାନା-୨ ର ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର କର୍ମଚାରୀ ମାନେ କେୟାର ହସ୍ପିଟାଲ ଛକ ନିକଟରେ ନାଇଟ ବ୍ଲକିଙ୍ଗ ଜରିଆରେ ଯାନବାହାନ ଚେକିଙ୍ଗ କରୁଥିବା ବେଳେ ଅଭିଯୁକ୍ତ ଜଣକ



କେୟାର ହସ୍ପିଟାଲ ଅଞ୍ଚଳରୁ ନାଲକୋ ଛକ ଅଭିମୁଖେ ଟ୍ରାଫିକର ବିପରୀତ ଦିଗରେ ଦ୍ରୁତଗତିରେ ତଥା ବିପଦଜନକ ଭାବେ ମୋଟରସାଇକେଲ ଚଳନା କରି ଆସୁଥିବାର ଦେଖିବାକୁ ପାଇଥିଲା । ଚେକିଙ୍ଗ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ମାନେ ତାଙ୍କୁ ସେଠାରେ ଅଟକାଇ ଥିବା ବେଳେ, ଯାଞ୍ଚ ସମୟରେ ମୋଟରସାଇକେଲ ଚାଳକ ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଥିବା ଜାଣିବାକୁ ପାଇଥିଲା। ଘଟଣାସ୍ଥଳରେ ଟ୍ରାଫିକ ପୋଲିସ ଉକ୍ତ ମୋଟରସାଇକେଲକୁ ସିଜ କରି ପିଆର ଦେଇଥିଲେ। ଆଜି ଅଭିଯୁକ୍ତ ଜଣକ ତାଙ୍କର ଜଣେ ବନ୍ଧୁଙ୍କୁ ଧରି ଟ୍ରାଫିକ ଥାନାକୁ ପିଆର ନମ୍ବର ପାଇଁ ଯାଇଥିବା ବେଳେ, ସାଙ୍ଗରେ ଆଣିଥିବା ଏକ ଡୁପ୍ଲିକେଟ ଚାବି ସାହାଯ୍ୟରେ ନିଜ ମୋଟରସାଇକେଲକୁ ଥାନା ପରିସର ମଧ୍ୟରୁ ଚୋରିକରି ନେଇଯାଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଟ୍ରାଫିକ ଥାନାର ଅଭିଯୋଗ କ୍ରମେ ଭରତପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଛି।

*ଓଡ଼ିଶାରେ ଇଲେକ୍ରାମା ୨୦୨୫ ରୋଡ୍ ସୋ*

# ଇଲେକ୍ଟ୍ରିକାଲ ଶିଳ୍ପର ଭବିଷ୍ୟତକୁ ଶକ୍ତି ପ୍ରଦାନ

ଭୁବନେଶ୍ୱର,୧୯।୮ (ମହାଭାରତ): ଭାରତୀୟ ବୈଦ୍ୟୁତିକ ଉପକରଣ ଉତ୍ପାଦନ ଶିଳ୍ପର ସର୍ବୋଚ୍ଚ ସଂଘ ଇଣ୍ଡିଆନ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରର୍ସ ଆସୋସିଏସନ୍ (ଆଇଇଇଏମ୍ଏ) ପକ୍ଷରୁ ଗୁରୁବାର ଭୁବନେଶ୍ୱରରେ ଇଲେକ୍ରାମାର ପୂର୍ବାଚଳ ପ୍ରିଭ୍ୟୁ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଳ୍ପନେତା, ଅଂଶୀଦାର ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଏକାଠି ହୋଇ ନୂଆ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ମାର୍ଟ ଗ୍ରିଡ୍ ଟେକ୍ନୋଲୋଜିର ଅଗ୍ରଗତି, ଅକ୍ଷୟ ଶକ୍ତି ପ୍ରକଳ୍ପ ଏବଂ ସ୍ଥାୟୀ ଉତ୍ପାଦନ ପ୍ରଣାଳୀ ସମେତ ରାଜ୍ୟର ପ୍ରମୁଖ ପଦକ୍ଷେପ ଉପରେ ଇକ୍ରମା ଓଡ଼ିଶା ରୋଡ୍ ସୋ' ଆଲୋକପାତ କରିଥିଲା। ଏହି ପଦକ୍ଷେପ ଗୁଡ଼ିକ ଇଲେକ୍ରାମ ୨୦୨୫ରେ ପ୍ରଦର୍ଶିତ ହେବ, ଯାହା ଓଡ଼ିଶାର ଉଦ୍ଭାବନକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ ।

ଏହି ରୋଡ୍ ସୋ'ରେ ଓପିଟିସିଏଲ୍ର ସିଏମ୍ଡି ଆଇଆରଟିଏସ୍ ସଞ୍ଜୟ କୁମାର ମିଶ୍ର ଓଡ଼ିଶାର ଅଭିବୃଦ୍ଧି ସମ୍ପର୍କରେ ଉଲ୍ଲେଖ କରି କହିଲେ, ଆଜି ଆମର ମିଳିତ ତାପଜ, ଜଳ ଏବଂ ଅନ୍ୟାନ୍ୟ ଅକ୍ଷୟ ଶକ୍ତି କ୍ଷମତା ପାଖାପାଖି ୫,୭୦୦ ମେଗାୱାଟ୍ ଏବଂ ସିପିଟି ପାର୍ଶ୍ୱରୁ ଅତିରିକ୍ତ ୧୨,୦୦୦ ମେଗାୱାଟ୍ ରହିଛି। ସୌର, ସବୁଜ ହାଇଡ୍ରୋଜେନ ଏବଂ ରାଜ୍ୟରେ ପବନ ଶକ୍ତିର ନୂତନ ଆବିଷ୍କୃତ ସମ୍ଭାବନା ସହିତ ଏହା ଯଥେଷ୍ଟ ବୃଦ୍ଧି ପାଇବ । ଆମର ଅକ୍ଷୟ ଶକ୍ତି ନୀତିରେ ୨୦୩୦ ସୁଦ୍ଧା ପ୍ରାୟ ୧୦ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି । ପୂର୍ବରୁ ଓଡ଼ିଶାରେ ପବନ ଶକ୍ତି ଉତ୍ପାଦନର ଧାରଣା କୁ ଉପଯୋଗୀ ବିବେଚନା କରାଯାଉନଥିଲା କାରଣ ରାଜ୍ୟ ଏଥିପାଇଁ ଅନୁପଯୁକ୍ତ ବୋଲି ବିବେଚନା କରାଯାଉଥିଲା। ଫେବ୍ରୁଆରି ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଗ୍ରେଟର ନୋଏଡାରେ ବିଶ୍ୱର ସର୍ବବୃହତ ଇଲେକ୍ଟ୍ରିକାଲ୍ ସୋ' ଇଲେକ୍ରାମା ୨୦୨୫ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହା ଇଲେକ୍ଟ୍ରିକାଲ୍ ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେବ ବୋଲି ଅନୁମାନ କରାଯାଉଛି। ୧,୧୦୦ରୁ ଅଧିକ ପ୍ରଦର୍ଶକ, ୪,୦୦,୦ ପର୍ଯ୍ୟଟକ, ୧୫,୦ ବି୨ବି ବୈଠକ, ୬୦୦ରୁ ଅଧିକ ଆୟୋଜକ କ୍ରେତା ଏବଂ ୧୦+ ଦେଶର ପ୍ୟାଭିଲିୟନଙ୍କ ଉପସ୍ଥିତି ରେ ଇଲେକ୍ରାମାର ୧୬ତମ ସଂସ୍କରଣ ବଡ଼, ଉନ୍ନତ, ସାହସିକ ହେବ ବୋଲି ପ୍ରତିଶ୍ରୁତି ଦେଇଛି।

# ସଂଗ୍ରାମ କେଶରୀ ଜେନାଙ୍କର ତୃତୀୟ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର,୧୯।୮ (ମହାଭାରତ): ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ସଂଗ୍ରାମୀ କେଶରୀ ଜେନା ସ୍ମୃତିସଂସଦ ପକ୍ଷରୁ ସଂସଦର ଅଧକ୍ଷ ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କର ତୃତୀୟ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି।




ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ସଂଗ୍ରାମ ଥିଲେ ଜଣେ ସୁଯୋଗ୍ୟ ଏବଂ ଆଦୃତ ଯୁବନେତା। ଯୁବକ ଓ ଛାତ୍ରମାନଙ୍କୁ ଏକାଠି ବାନ୍ଧି ରଖିବାର କୌଶଳ ତାଙ୍କୁ ଜଣାଥିଲା। ଅନ୍ୟ ପକ୍ଷରେ ସେ ଥିଲେ ଆଚରଣ ଓ ଉଚାରଣ ସିଦ୍ଧ। କର୍ତବ୍ୟପରାୟଣ, ସାଧୁତା, ବିଚାର ଓ ବିବେକ, ନିଷ୍କପଟତା ଏବଂ ନିରପେକ୍ଷତା ଦୃଷ୍ଟିରୁ ସେଥିଲେ ଜଣେ ଆଦର୍ଶ ବ୍ୟକ୍ତି। ତାଙ୍କର ଅନୁପସ୍ଥିତିକୁ କଂଗ୍ରେସ ଦଳ ଅନୁଭବ କରୁଛି। ବାଙ୍ଗଲାଦେଶର ଆଜିର ରାଜନୈତିକ ସ୍ଥିତିକୁ ବିଚାରକୁ ନେଲେ ଛାତ୍ର ଓ ଯୁବ ଶକ୍ତି ରାଷ୍ଟ୍ର ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି ବୋଲି ପରିଦୃଷ୍ଟ ହୋଇଛି। ବିଶେଷକରି ଓଡ଼ିଶାରେ ଛାତ୍ର ଓ ଯୁବକ ମାନଙ୍କର ଦିଗଦ୍ରଷ୍ଟା ଥିଲେ ସଂଗ୍ରାମ। ଯଦି ଏଠାର ଉପସ୍ଥିତ ଛାତ୍ର ଓ ଯୁବ ନେତାଙ୍କ ଦ୍ୱାରା ଆମ ରାଜ୍ୟର ମଙ୍ଗଳ ପାଇଁ ଏକ ପ୍ରଭାବୀ ଯୁବ ଆନ୍ଦୋଳନ ବା ଛାତ୍ର ଆନ୍ଦୋଳନ ହୁଏ ତେବେ ତାହା ହେବ ସଂଗ୍ରାମ ଜେନାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ କହିଥିଲେ ସଂଗ୍ରାମ ଜେନା ଥିଲେ ଜଣେ ଫାୟାର ବ୍ରାଣ୍ଡ ଯୁବ ନେତା। ସେ ଥିଲେ ସାହସୀ ଏବଂ ଦୁଃସାହସୀ ମଧ୍ୟ। ବିନା ମାସ୍କରେ ସେ ପିପିଲି ଉପନିର୍ବାଚନରେ ପ୍ରଚାର କରୁଥିଲେ। ସେତବେଳେ କରୋନାର ବିଭିଷୀକାରେ ସମସ୍ତେ ଆତଙ୍କିତ ଥିଲେ। ସେ କଂଗ୍ରେସ ଦଳ ପାଇଁ ଜୀବନ ଉତ୍ସର୍ଗ କରିଛନ୍ତି। ପ୍ରତିଶ୍ରୁତି ଦେଇ ତାହାକୁ ନିଶ୍ଚିତ ପାଳନ କରିବା ଥିଲା ସଂଗ୍ରାମଙ୍କର ବ୍ୟକ୍ତିତ୍ୱର ବିଶେଷତ୍ୱ। ସେ ଥିଲେ କଂଗ୍ରେସ ବିଚାରର ବାହକ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ ସଂଗ୍ରାମ ଥିଲେ ଜଣେ ଯୁଝାଉ ଯୁବ ନେତା। ତାଙ୍କର ବିୟୋଗରେ ଏକ ସମ୍ଭାବନାପୂର୍ଣ୍ଣ ଭବିଷ୍ୟତର ମୃତ୍ୟୁ ହେଲା। ପ୍ରଚଣ୍ଡ ପ୍ରତିଭାର ଅପମୃତ୍ୟୁ ହେଲା। ସେଥିଲେ ଯୁବକ ଓ ଛାତ୍ରମାନଙ୍କର ଆଇକନ। ଏ ରାଜ୍ୟ ଏବଂ କଂଗ୍ରେସ ଦଳ ତାଙ୍କର ରାଜନୈତିକ ଗୁରୁତ୍ୱ ଅନୁଭବ କରିଥିଲା। କଂଗ୍ରେସ ଦଳରେ ଦୀର୍ଘ ୨୦ ବର୍ଷ ଧରି ସେ ନିଶ୍ୱାର୍ଥପର ଭାବରେ ନିରନ୍ତର ସେବା କରି ଆସୁଥିଲେ।

ଏହି କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଯୋଗଦେଇ କହିଥିଲେ ଯେ ସ୍ୱର୍ଗୀୟ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ପରେ ଓଡ଼ିଶାର ଯୁବ ଛାତ୍ରମାନେ ସଂଗ୍ରାମ ଜେନାକୁ ତାଙ୍କର ଆଦର୍ଶ ଭାବରେ ଗ୍ରହଣ କରିଥିଲେ।

# ଆଖି ଖୋସିହେଲା ଭଳି ସମ୍ପତ୍ତି

ଭିଜିଲାନ୍ସ ଚଢ଼ଉ ବେଳେ ଆଖି ଖୋସିହେଲା ଭଳି ସମ୍ପତ୍ତି ଧରାପଡ଼ୁଛି। ଉଭା ଯେତେ ପୋତା ସେତେ ଭଳି ଉପରକୁ ଯେତିକି ସମ୍ପତ୍ତି ଠାବ ହେଉଛି, ବେନାମୀ ଭାବେ ତାହାଠାରୁ ଢେର ଅଧିକ ରହିଛି। ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ବେଶ ଅୟସ ବିଳାସରେ ଜୀବନ ବିତାନ୍ତି, ଭଲ ଖାଇବା, ପିନ୍ଧିବା ଏବଂ ବୁଲିବାରେ କାଣି ଭଳି ଖର୍ଚ୍ଚ କରନ୍ତି। ଏହାର ହିସାବ ଭିଜିଲାନ୍ସ ପାଖରେ ନାହିଁ। ଟମାଟୋ ଦର ୧୦୦ ଟଙ୍କା ହେଲେ ବି ସେମାନଙ୍କ ପାଇଁ ବିଶେଷ ଫରକ ନାହିଁ। ପେଟ୍ରୋଲ, ଡିଜେଲ ଦର ବଢ଼ିଲେ ସେମାନେ ନିର୍ଲିପ୍ତ ରହନ୍ତି। କାରଣ ସେମାନେ କଳାଧନର ପାହାଡ଼ ଉପରେ ବସିଥାନ୍ତି। କଳାଟଙ୍କା ଖର୍ଚ୍ଚ କରିବାକୁ ସେମାନଙ୍କୁ ଚିନ୍ତା ଏବଂ ଯୋଜନା କରିବାକୁ ପଡ଼ିଥାଏ। ଅନେକ ସମୟରେ ସେମାନେ ଦରବୃଦ୍ଧିରେ ଖୁସି ହୁଅନ୍ତି। ଏହାର କାରଣ ଦୁଇଟି। ପ୍ରଥମ କାରଣ ହେଲା ନିଜର କଳାଟଙ୍କା ଖର୍ଚ୍ଚ ହେବ। ଦ୍ୱିତୀୟରେ ସାଧାରଣ ଲୋକେ ଯେଉଁ ସାମଗ୍ରୀ କିଣିବାକୁ ଅସମର୍ଥ ହୁଅନ୍ତି, ସେମାନେ ଏହାକୁ ସହଜରେ କିଣି ଆତ୍ମବଡ଼ିମା ଦେଖାନ୍ତି। ବାହାରକୁ ଗଲେ ଏମାନେ ପଞ୍ଚତାରକା ହୋଟେଲରେ ରହିବାକୁ ପସନ୍ଦ କରନ୍ତି। ବିମାନ ଯାତ୍ରାଠାରୁ ଆରମ୍ଭ କରି ଅନ୍ୟାନ୍ୟ ବାବଦରେ ବିପୁଳ ଖର୍ଚ୍ଚ କରନ୍ତି। ଦାମୀ ଗାଡ଼ି କିଣିବା ଏମାନଙ୍କର ସଉକ। ସବୁଠାରୁ ବଡ଼ କଥା ହେଲା ଏମାନେ ନିର୍ବାଚନ ବେଳେ ନେତାଙ୍କୁ ମୋଟା ଅଙ୍କର ଚାନ୍ଦା ଦିଅନ୍ତି। ଭଲ ଯାଗାରେ ପୋଷ୍ଟି ହେବାକୁ ଉପରିସ୍ଥ ଅଧିକାରୀ ଏବଂ ନେତାଙ୍କୁ ମଧ୍ୟ ଲାଞ୍ଚ ଦିଅନ୍ତି। ଏମାନଙ୍କ ପାଇଁ ମୁଦ୍ରାସ୍ଫୀତି ବଢୁଛି। କୌଣସି ସାମଗ୍ରୀର ଦର ବଢ଼ିଲେ ଏମାନେ ଏହାକୁ ସହଜରେ କିଣିପାରନ୍ତି। ତେଣୁ ବେପାରୀ କାହିଁକି ଦର କମାଇବ ? ଏଥିରେ ଗରିବ ଓ ସାଧାରଣ ବ୍ୟକ୍ତିଟିଏ ଶୋଷଣରୁ ଶିକାର ହୋଇଥାଏ। ଏହା ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିଥାଏ। ନିକଟରେ ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଯାଞ୍ଚ ବେଳେ ତାଙ୍କର ଯେଉଁ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି ତାହା ଅବିଶ୍ୱାସନୀୟ। ଜଣେ ଲୋକ ନିଜର ଚାକିରୀ କାଳ ଭିତରେ ନ୍ୟାୟସଙ୍ଗତ ଆୟରୁ ଏତେ ସମ୍ପତ୍ତି ଠୁଳ କରିବା ଅସମ୍ଭବ। ତାଙ୍କର ୩୪ଟି ପ୍ଲଟ, ବିପୁଳ ପରିମାଣର ସୁନା, ଘର, ଫ୍ଲାଟ ଏବଂ ଦାମୀ କାର ତଥା ଫାର୍ମ ହାଉସ ରହିଛି। ସେହିପରି ଜଣେ ଯୁଗ୍ମ ଅବକାରୀ କମିଶନରଙ୍କୁ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ବାନ୍ଧିଛି। ତାଙ୍କ କଳାଧନ ଆଗରେ ଯନ୍ତ୍ରୀ ପଛରେ ପଡ଼ିଯିବେ। ଜଟଣୀର ଜଣେ ମହିଳା ସହକାରୀ ଯନ୍ତ୍ରୀ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ତାଙ୍କ ବିଳାସପୂର୍ଣ୍ଣ ଜୀବନ ସମ୍ପର୍କରେ ବେଶ ରୋଚକ ତଥ୍ୟ ମିଳିଛି। ଠିକାଦାରଙ୍କ ବିଲ୍ ପାସ୍ କରାଇବା ଲାଗି ସେ କେବଳ ପିସି ଆଦାୟ କରୁନଥିଲେ, ଠିକାଦାରଙ୍କୁ ଇଲିସି ମାଛଠାରୁ ଆରମ୍ଭ କରି ବାଳକାଟି ମଟନ ମଧ୍ୟ ମାଗୁଥିଲେ। ସତେ ଯେମିତି ସରକାର ତାଙ୍କୁ ଦରମା ଦେଉନାହାଁନ୍ତି ବା ଏସବୁ କିଣିବାକୁ ତାଙ୍କର ସାମର୍ଥ୍ୟ ନାହିଁ! ଜଣେ ଠିକାଦାର ଏତେ ଟଙ୍କା ଲାଞ୍ଚ ବାବଦରେ ଖର୍ଚ୍ଚ କଲେ ସେ ନିଜ କାମରେ ନିଶ୍ଚୟ ଠକିବ। ନଚେତ ତାଙ୍କର ଲାଭ କେଉଁଠୁ ବାହାରିବ ? ସେ କିପରି ଚଳିବେ ? ସେ ଯେଉଁ କାମ ପାଇଁ ପ୍ରାପ୍ୟ ପାଉଛନ୍ତି, ତାହା ସାଧାରଣ ଲୋକଙ୍କ ଟିକସ ଅର୍ଥରୁ ଖର୍ଚ୍ଚ ହେଉଛି। ଅର୍ଥାତ ସାଧାରଣ ଲୋକଙ୍କ ଅର୍ଥକୁ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନେ ଅପବ୍ୟୟ କରୁଛନ୍ତି। ସେମାନଙ୍କୁ ଲୁଟେରା ବୋଲି କହିଲେ ଭୁଲ ହେବ ନାହିଁ। ଭିଜିଲାନ୍ସ ଯେତିକି ଲୋକଙ୍କୁ ଧରୁଛି, ତାହାର ଶହେ ଗୁଣ ଲୋକ ଦୁର୍ନୀତି କରି ଖସି ଯାଉଛନ୍ତି। ଯେଉଁମାନେ ଭିଜିଲାନ୍ସ ଦ୍ୱାରା ଧରାପଡୁଛନ୍ତି ଏବଂ ସସପେଣ୍ଡ ହେଉଛନ୍ତି, ସେମାନଙ୍କ ଭିତରୁ ଖୁବ କମ ଲୋକ ଦଣ୍ଡିତ ହେଉଛନ୍ତି।

# ଜଳକଷ୍ଟ ଓ ମାନବ ସମାଜ ପାଇଁ ଜଳର ଉପଯୋଗିତା

॥ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ॥

“ ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି ।

ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରର ବଢୁଥିବା ଚାହିଦା ଯୋଗୁଁ ୨୦୩୦ ବେଳକୁ ବିଶ୍ୱ ୪୦ ପ୍ରତିଶତ ଜଳ ସଙ୍କଟର ସମ୍ମୁଖୀନ ହେବ। ବିଶ୍ୱ ଜଳ ଦିବସରେ ଜାତିସଂଘ ଏହି ଚେତାବନୀ ଦେଇଛି। ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୨୩ରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି। କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି। ଜଳର ସଠିକ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରାନଗଲେ ଜଳାଭାବକୁ ରୋକାଯାଇ ପାରିବନାହିଁ। ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି। ବିଶ୍ୱଜନସଂଖ୍ୟା ବର୍ତ୍ତମାନ ୭ଶହ କୋଟିରୁ ଅଧିକ ଥିବାବେଳେ ପ୍ରତିବର୍ଷ ହାରାହାରି ୮ କୋଟି ହିସାବରେ ଏହି ହାର ବଢ଼ିଚାଲିଛି। ଏପରି ହେଲେ ୨୦୫୦ ବେଳକୁ ଜନସଂଖ୍ୟା ୯ଶହ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି। ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରେ ଆଜି ବି ବଞ୍ଚିତ। ଗରିବ, ସାଧାରଣ ସାମାଜିକ ସୁବିଧାରୁ ବଞ୍ଚିତ ଏବଂ ମହିଳା ଏଥିରେ ସର୍ବାଧିକ ପ୍ରଭାବିତ। ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚୀନ, ପାକିସ୍ତାନ, ନେପାଳ, ବାଙ୍ଗଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନାହିଁ। ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ। ବର୍ତ୍ତମାନର ଭୟାବହ କରୋନା ଖବର ଭିତରେ ଆଗକୁ ଆସୁଛି ପ୍ରଚଣ୍ଡ ଖରାର ସମୟ। ଉପକୂଳ ଓଡ଼ିଶା ଠାରୁ ଆରମ୍ଭ କରି ରାଜ୍ୟର ପଶ୍ଚିମାଞ୍ଚଳ, ଦକ୍ଷିଣର ପାହାଡ଼ିଆ ଇଲାକା ପର୍ଯ୍ୟନ୍ତ ସବୁଠି ପିଇବା ପାଣି ପାଇଁ ଲୋକେ ଡହଳ ବିକଳ ହୋଇଥାନ୍ତି । ଖରାର ତାତି ଯେତିକି ବଢୁଛି, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ କଷ୍ଟ ସେତିକି ଉତ୍କଟ ହେବାରେ ଲାଗିଥାଏ। ରାଜ୍ୟର କେତେକ ସ୍ଥାନରେ ପାଣି ମୁନ୍ଦିଏ ପାଇଁ ମହିଳାଙ୍କୁ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଦୂର ସ୍ଥାନକୁ ଯିବାକୁ ପଡ଼େ। କେଉଁଠି ପାନୀୟ ଜଳର ଆଦୌ ବ୍ୟବସ୍ଥା ନାହିଁ ତ ଆଉ କେଉଁଠି ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ସରକାରୀ ରେକର୍ଡ଼ ଅନୁଯାୟୀ ଗ୍ରାମାଞ୍ଚଳର ନଳକୂପ, ଷ୍ଟାଣ୍ଡପୋଷ୍ଟ ସମେତ ପ୍ରାୟ ୩ଲକ୍ଷ ୧୨ ହଜାର ୨୮୧ଟି ୱାଟର ସ୍ପଟ ରହିଛି । ସେଥିରୁ ଏବେ ବହୁ ସଂଖ୍ୟକ ଅଚଳ, ବ୍ୟବହାର ଅନୁପଯୋଗୀ । କେଉଁଠି ନଳକୂପ ଭାଙ୍ଗି ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ଭୂତଳ ଜଳସ୍ତର କମି ଯାଇଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ । ଆଉ କେଉଁଠି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ପାଇପ୍ ଖୋଲିଲେ ପାଣି ବଦଳରେ ସଁ ସଁ ହୋଇ ପବନ ବାହାରୁଛି । ବହୁ ସଂଖ୍ୟକ ଗାଁରେ ପାନୀୟ ଜଳର ମୁଖ୍ୟ ଉତ୍ସ କୂଅ ଗୁଡ଼ିକ ଶୁଖିଯିବା ଫଳରେ ସମସ୍ୟା ଦେଖାଦେଉଛି । ପାନୀୟ ଜଳର ଏ ଉତ୍କଟ ସମସ୍ୟା ଭିତରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଲୁଚି ଯାଉଛି । କିନ୍ତୁ ପାନୀୟ ଜଳ ସମସ୍ୟା ଠାରୁ ବିଶୁଦ୍ଧ ଜଳ ପାନୀୟ ଜଳ ସମସ୍ୟା ଅଧିକ ଗୁରୁତର, ଯାହାଫଳରେ ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି ।

ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି । ଏ ସନ୍ଦର୍ଭରେ ଜନଗଣନା ରିପୋର୍ଟର ତଥ୍ୟକୁ ଉଦ୍ଧାର କରାଯାଇପାରେ । ପାନୀୟ ଜଳ ସ୍ଥିତି ନେଇ ୨୦୦୧ ଏବଂ ୨୦୨୦ ଜନଗଣନା ରିପୋର୍ଟର ତୁଳନାତ୍ମକ ବିଶ୍ଳେଷଣ କଲେ ସ୍ଥିତିରେ ଅବନିତି ସ୍ପଷ୍ଟ ଜଣାପଡ଼େ । ଦଶବର୍ଷ ତଳେ ରାଜ୍ୟର ୩୦.୮ ପ୍ରତିଶତ ପରିବାରଙ୍କୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା । ୨୦୨୧ ବେଳକୁ ନିଜ ଘରୁ ୫୦୦ ମିଟରରୁ ଅଧିକ ଦୂର ଯାଇ ପାଣି ଆଣୁଥିବା ପରିବାରଙ୍କ ଭାଗ ୩୫.୪ ପ୍ରତିଶତକୁ ବୃଦ୍ଧି ପାଇଛି । ବର୍ତ୍ତମାନ ବି ରାଜ୍ୟର ମାତ୍ର ୨୨.୪ ପ୍ରତିଶତ ପରିବାର ପାଇଁ ନିଜ ଘର ପରିସରରେ ପାନୀୟ ଜଳର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୭ ପ୍ରତିଶତ ପରିବାରକୁ ପାଣି ପାଇଁ ଘରୁ ବାହାରକୁ ଯିବାକୁ ପଡ଼େ । ଖୋଦ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୪୬ ହଜାର ୭୩୨ଟି ଗ୍ରାମ ଅନ୍ତର୍ଗତ ମୋଟ ୧ଲକ୍ଷ ୪୧ ହଜାର ୯୨୮ଟି ଜନବସତି ମଧ୍ୟରୁ ୮୧,୮୧୨ଟି ଜନବସତି ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଏହାର ଅର୍ଥ ହେଲା ବର୍ତ୍ତମାନ ବି ପ୍ରାୟ ୪୦ ପ୍ରତିଶତ ଜନବସତି ଜଳ କ୍ଲିଷ୍ଟ । ଏହାହିଁ ରାଜ୍ୟର ପାନୀୟ ଜଳ ସମସ୍ୟାର ଉତ୍କଟ ରୂପର ଦୁଃଖଦ ଚିତ୍ର ପ୍ରଦାନ କରୁଛି । ଯଦି ସାଧାରଣ ଭାବେ ପାନୀୟ ଜଳ ଯୋଗାଣର ସ୍ଥିତି ଏହା, ଗ୍ରୀଷ୍ମରେ ସମସ୍ୟା ଅଧିକ ଗୁରୁତର ହେବା ସ୍ୱାଭାବିକ । ଏହା କେବଳ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଫଳତାର ସୂଚନା ଦେଉନାହିଁ, ସାମଗ୍ରୀକ ଭାବେ ବିକାଶ ଓ ପ୍ରଗତି ନେଇ ଦାବି କେତେ ଫମ୍ପା ଓ ଅନ୍ତଃସାରଶୂନ୍ୟ ତାହାର ମଧ ଦୁର୍ଭାଗ୍ୟଜନକ ଇଙ୍ଗିତ ।

ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଏହି ମୌଳିକ ଆବଶ୍ୟକତା ପୂରଣ ପାଇଁ ନିଷ୍ଠା ଓ ଆନ୍ତରିକତାର ସହ ତ୍ୱରାନ୍ୱିତ ପଦକ୍ଷେପ ନିଆଯିବା ଏକାନ୍ତ ଜରୁରୀ । ପାନୀୟ ଜଳ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିଜନ୍ ୨୦୨୩ ପ୍ରସ୍ତୁତ କରାଯାଇଛି । ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଅଞ୍ଚଳକୁ ଫ୍ଲୋରୋସିସ୍ ମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି । ପ୍ରତି ବ୍ଲକର ୧୬ଶହଟି ନଳକୂପ ଏବଂ ୫୮ଟି ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ତେବେ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଉଦାସୀନତା ଫଳରେ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ଦେଖାଦେଇଛି । ଏହାଛଡ଼ା ତ୍ରୟୋଦଶ ଅର୍ଥ କମିଶନ ପାନୀୟ ଜଳ, ପରିମଳ ପାଇଁ ସ୍ୱତନ୍ତ୍ର ଭାବେ ୨,୭୫୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଏହାର ବିନିଯୋଗ ଆଦୌ ଉତ୍ସାହଜନକ ନୁହେଁ । ସାଂପ୍ରତିକ ପାନୀୟ ଜଳ ସମସ୍ୟାର ମୁକାବିଲା ସରକାରୀ କଳ ପାଇଁ ଏକ ବଡ଼ ଆହ୍ୱାନ । ଏଥିପାଇଁ ଉଭୟ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ପ୍ରଥମ, ସ୍ୱଳ୍ପମିଆଦୀ ପଦକ୍ଷେପ ସ୍ୱରୂପ ଯୁଦ୍ଧକାଳୀନ ଭିତ୍ତିରେ ଅନେକ ନଳକୂପର ମରାମତି କରାଯାଇ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ, ଦୂଷିତ ହୋଇ ଯାଇଥିବା ଜଳ ଉତ୍ସ ଗୁଡ଼ିକ ବିଶୋଧୀକରଣ ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ନୂତନ ଗଭୀର ନଳକୂପ ଖନନ ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉ । ଦୀର୍ଘମିଆଦୀ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ଯୋଗାଣ ନେଇ ପ୍ରସ୍ତୁତ ଭିଜନ ୨୦୨୩ ଏବଂ ଅନ୍ୟ ଯୋଜନା ଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରାଯାଉ । ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତ୍ତବ୍ୟ। ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ। ସଂପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖିବା ସହ ସେହିକ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ ଆମ ମାନଙ୍କ ଭିତରେ ସେତେଟା ସଚେତନ ବଢ଼ିନାହିଁ। ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମ ମାନଙ୍କ ଭିତରେ ସଚେତନତା ବଢ଼ିବା ଜରୁରୀ। ଆସନ୍ତୁ ପ୍ରାକୃତିକ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ଜଳ ସଂରକ୍ଷଣ ଓ ଆବଶ୍ୟକତାକୁ ଦେଖି ଜଳ ବ୍ୟବହାର ସହ ଜଳ ପ୍ରଦୂଷଣ ପାଇଁ କିପରି ଆମେମାନେ ବ୍ୟକ୍ତିଗତ ଉଦ୍ୟମରେ ବା ଗୋଷ୍ଠୀଗତ ଭାବରେ କିଛି କାର୍ଯ୍ୟକ୍ରମ ହାତକୁ ନେବା ଏହାଦ୍ୱାରା ଭଗବାନଙ୍କ ପ୍ରଦତ୍ତ ଅମୂଲ୍ୟ ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା।

ପାରାଦ୍ୱୀପ, ଓଡ଼ିଶା
ଦୂରଭାଷ : ୯୪୩୭୦୨୨୦୬୧

# ବୈକୁଣ୍ଠ ସମାନ ଆହା ଅଟେ ସେହି ଘର

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର”– ଭକ୍ତକବି ମଧୁସୂଦନ ରାଓଙ୍କର ଏହି ଅମୃତମୟ ପଙ୍କ୍ତିରେ ଘରକୁ ବୈକୁଣ୍ଠପୁର ସହ ତୁଳନୀୟ କରାଯାଇଛି । ସତରେ ଘର ହିଁ ସ୍ୱର୍ଗ - ଏହି ପ୍ରାଚୀନ ଲୋକମୁଖର କଥାଟି ବାସ୍ତବିକ ବିଲକ୍ଷଣ । ବୈଦିକ ଭାଷାରେ ବସୁଧୈବ କୁଟୁମ୍ବକମ୍ - ଅର୍ଥାତ୍ ଆମ୍ଭେ ସମସ୍ତେ ବିଶ୍ୱବାସୀ, ଗୋଟିଏ କୁଟୁମ୍ବ ଅର୍ଥାତ୍ ଗୋଟିଏ ପରିବାର । ଘରର ପ୍ରତିଟି ମୁହୂର୍ତ୍ତ ଅତିବାହିତ ହୋଇଥାଏ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ଅତୁଟ ଭଲପାଇବାର ବନ୍ଧନୀରେ । ସୁଖ-ଦୁଃଖ, ଝଡ଼-ଝଞ୍ଜା, ବିଶ୍ୱାସ-ଅବିଶ୍ୱାସ ଭିତରେ ଆଜି ଭାରତୀୟ ପାରିବାରିକ ବ୍ୟବସ୍ଥା ତଥାପି ଅତୁଟ ରଖିଛି ନିଜର ମୂଲ୍ୟବୋଧ ଓ ଗାରିମାକୁ ନେଇ। ପାଶ୍ଚାତ୍ୟ ସଂସ୍କୃତିର ମାୟାରେ ଯଦିଓ କିଛିକାଂଶରେ ଏକାନ୍ନବର୍ତ୍ତୀ ଅବସ୍ଥାକୁ ଆସିଛି ବୋଲି ସମାଜ ବିଜ୍ଞାନୀ ଅଭିଯୋଗ କରନ୍ତି ତଥାପି ପରିବାର ବଜାୟ ରଖିଛି ନିଜର ବିଶ୍ୱାସବୋଧତା, ଅନ୍ୟକୁ ସ୍ନେହ, ପ୍ରେମ ବାଣ୍ଟିବାର ଅମାପ ରଜ୍ଜୁରେ। ଏହା ହିଁ ହେଉଛି ଆର୍ଯ୍ୟସ୍ଥାନ ଭାରତବର୍ଷର ବିଶେଷତ୍ୱ। ଯଥାର୍ଥରେ କୁହାଯାଏ ଘର ହିଁ ସ୍ୱର୍ଗ । ଘର ହିଁ ଦେବତାଙ୍କ ନିବାସ, ଦେବାଳୟ । ଯେଉଁଠି ପିତାମାତା ଓ ଗୁରୁଜନଙ୍କ ପରି ଦେବତାମାନେ ବିରାଜିତ । ଆମ ହାତ ପାହାନ୍ତାରେ ଏହି ଜୀବନ୍ତ ଦେବତାମାନେ ଆମ୍ଭମାନଙ୍କୁ ଭଲ ରାସ୍ତା ଦେଖାଇବା ପାଇଁ ସବୁବେଳେ ଆଶୀର୍ବାଦ ପରାମର୍ଶ ଦେଇଥାନ୍ତି । ଘରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ । ଗୃହକର୍ତ୍ତାଙ୍କ ପରାମର୍ଶ, ମତାମତ ଓ ମାର୍ଗଦର୍ଶନରେ ଘରଟି ଚାଲିଲେ କୌଣସି ବିପଦ ଆପଦକୁ ଏହା ସମ୍ମୁଖୀନ ହେବାର ଅବକାଶ ମିଳିନଥାଏ । ଆର୍ଯ୍ୟ ଭାରତର ପରମ୍ପରାକୁ ଅବଲମ୍ବନ କରି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଗୁରୁ ହିଁ ହେଉଛନ୍ତି ସଦ୍‌ଗୁରୁ, ସେ ହିଁ ପଥ ପ୍ରଦର୍ଶକ। ସେ ହିଁ ପରିବାର ଭିତରେ ସମନ୍ୱୟ ରକ୍ଷା କରନ୍ତି। ଆବାଳ ବୃଦ୍ଧ ବନିତାଙ୍କୁ ସେ ହିଁ ବୃଦ୍ଧି ଯୋଗ ପ୍ରଦାନ କରିଥାନ୍ତି। ଗୁରୁ ହିଁ ହେଉଛନ୍ତି ଜୀବନର କୀଳକେନ୍ଦ୍ର, ବସୁଧୈବ କୁଟୁମ୍ବକମ୍‌ର କେନ୍ଦ୍ରବିନ୍ଦୁ, ପ୍ରେମର ପରମାଣୁ। କଥାରେ ଅଛି - ‘ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି ।’ ଅର୍ଥାତ୍ ସଂସାରର ଡଙ୍ଗା ବାହିନେବା ବେଳେ ସୁଖ ଓ ଦୁଃଖର ଜୁଆର ଆଉ ଭଟ୍ଟାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ । କିନ୍ତୁ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ ମାନବୀୟ ମୂଲ୍ୟବୋଧକୁ ଆପଣାଇ ସଂସାରର ଦାୟିତ୍ୱବୋଧତାକୁ ସମ୍ପାଦନ କରିବା ହିଁ ଯଥାର୍ଥ ମଣିଷ ପଣିଆ ।

ଏକ ମାଳାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହାର ସୂତା । ସମାଜରେ ଏହି ସୂତା ହେଉଛି ସଂସ୍କାର । ସଂସ୍କାର ନୈତିକ ଆଚରଣ ରଙ୍ଗରେ ରଙ୍ଗେଇ ହୋଇଥାଏ । ସମାଜରେ ଆସୁଥିବା ସବୁ ପରିବର୍ତ୍ତନ, ସଭ୍ୟତା ନାଁରେ ଆସୁଥିବା ପ୍ରଭାବ ସତ୍ତ୍ୱେ ଯଦି ସୂତାରେ ଗଣ୍ଠି ନପଡ଼େ ତାହେଲେ ଆମ ସମାଜ, ଆମ ସଭ୍ୟତାର ମାଳା ଅକ୍ଷୁର୍ଣ୍ଣ ରହିବ । ଏ କଥା ପରିବାର ସଂଖ୍ୟାରେ ବୃଦ୍ଧି, ସଦସ୍ୟମାନଙ୍କ ମଧ୍ୟରେ ତାଳମେଳର ଅଭାବ, ଚପଗ୍ରସ୍ତ ବାତାବରଣ, ଦେବାର ଭାବନା ନ ରହିବ, ନିଜ ଖୁସି ଖୋଜିବାର ଆଗ୍ରହ, ସଦସ୍ୟମାନଙ୍କ ମଧ୍ୟରେ ବାର୍ତ୍ତାଳପର ଅଭାବ, ଆଦି ନିରବରେ ଅନେକ କିଛି କରିଯାଏ । ଏହି ଛୋଟ ଛୋଟ କଥା ମଜଭୁତ ସୂତାକୁ କେତେବେଳେ ଦୁର୍ବଳ କରିଦେଉଛି ସେ କଥା ବି ଜଣାପଡ଼େନି ।

ହେଲେ ସଂଧ୍ୟା ପୂର୍ବରୁ ଦୀପ ଲଗାଇଦେଲେ ଘର ଅନ୍ଧାର ହୁଏନି । ଏବେ ବି ସମୟ ହାତରୁ ଯାଇନି, ଗୋଟିଏ ପିଢ଼ି ପର ପିଢ଼ିକୁ ସଂସ୍କାର ହସ୍ତାନ୍ତର କରିପାରିବ ଉତ୍ତରାଧିକାର ସୂତ୍ରରେ । ତା ହେଲେ କ’ଣ କରିବେ ? କ’ଣ କଲେ ପରିବାର - ସମାଜର ମାଳା ଗୋଟିଏ ସୂତ୍ରରେ ବାନ୍ଧି ହୋଇ ରହିବ ? ଆଜିର ବ୍ୟସ୍ତ ସମୟରେ ସମୟ ନାହିଁ କାହା ପାଖରେ । ତା ଭିତରେ ବି ସମୟ କାଢ଼ିବାକୁ ହେବ ପରିବାର ପାଇଁ, ପର ପିଢ଼ି ପାଇଁ । ପ୍ରଥମେ ଏଥିପାଇଁ ବାଛନ୍ତି ଦିନଟିଏ । ପିଲାଙ୍କ ଜନ୍ମ ଦିନ ଏମିତି ଏକ ଅବସର । ପୁରା ପରିବାର ଏକାଠି ଖୁସି ମନାଏ ଏ ଦିନରେ । ତେଣୁ ସମସ୍ତଙ୍କ ସହ ମିଶି ଏକ ରୀତି ପରି ପାଳନ କରନ୍ତୁ ଏ ଦିନକୁ । ଜନ୍ମ ଦିନରେ ବଡ଼ମାନେ ଉପହାର ଓ ଆଶୀର୍ବାଦ ତ ଦିଅନ୍ତି । ହେଲେ ପ୍ରତିବର୍ଷ ପିଲାଙ୍କୁ ସଂସ୍କାରଟିଏ ମଧ୍ୟ ଉପହାର ଦିଅନ୍ତୁ । ବଡ଼ମାନଙ୍କୁ ସମ୍ମାନ କରିବା ହେଉ କି ସମସ୍ତଙ୍କୁ ସାହାଯ୍ୟ କରିବା ହେଉ । ସବୁବେଳେ ସତ କହିବାର ଶିକ୍ଷା ହେଉ ବା ଠିକ୍ ସମୟରେ କାମ କରିବାର ଶିକ୍ଷା । ପିଲାର ବୟସ ଅନୁଯାୟୀ ସଂସ୍କାର ବାଛି ତାକୁ ଦିଆଯାଇପାରେ । ଆପଣ ଚାହିଁଲେ ଦୁଇ-ତିନି ସଂସ୍କାର ମଧ୍ୟରୁ ଗୋଟିଏକୁ ବାଛିବା ନିମନ୍ତେ ପିଲାକୁ ବିକଳ୍ପ ଦିଅନ୍ତୁ । ଏ ସମ୍ପର୍କରେ ଜନ୍ମ ଦିନରେ କିଛିଦିନ ଆଗରୁ ପରିବାରର ବଡ଼ମାନେ ବସି ବିଚାରବିମର୍ଶ କରିନେବା ଉଚିତ । ସଂସ୍କାରର ବିଭିନ୍ନ ବିକଳ୍ପ ମଧ୍ୟରୁ ଗୋଟିକୁ ବାଛିବା ନିମନ୍ତେ ପିଲାଙ୍କୁ କୁହନ୍ତୁ । ଏହାର ଲାଭ କ’ଣ ସେ କଥା ମଧ୍ୟ ପିଲାଙ୍କୁ ବୁଝାଇ ଦେବା ଦରକାର ।

ପିଲାମାନେ ପ୍ରତିଜ୍ଞା ଭୁଲି ଯାଆନ୍ତି । ସଂସ୍କାର ଓ ଏହାକୁ ପାଳନ କରିବା ନିମନ୍ତେ ପ୍ରତିଶ୍ରୁତି ପିଲା ନ ଭୁଲୁ ଏହା ପରିବାରର ସବୁ ସଦସ୍ୟଙ୍କ ଦାୟିତ୍ୱ । ସେ ଭୁଲି ନଯାଉ ଏଥିପାଇଁ ସବୁ ବଡ଼ମାନେ ତାକୁ ମଝିରେ ମଝିରେ ସ୍ନେହରେ ବୁଝାଇବା ଦରକାର । କହିବାର ଶୈଳୀ ଠିକ୍ ହେଲେ ପିଲାମାନେ କଥା ମାନନ୍ତି । ଭଲ ସଂସ୍କାର ପିଲା ମନରେ ଭଲ ବିଚାର ଆଣେ । ତାକୁ ବାଟବଣା ହେବାରୁ ରୋକେ, ଜୀବନ ଜୀଇଁବାର ଉପାୟ ଶିଖାଏ । ପିଲା ପରିବାର ଓ ସମାଜକୁ ଭଲପାଇ ଏଥିପାଇଁ ପ୍ରଥମରୁ ବାପ-ମାଆ ଯତ୍ନଶୀଳ ହେବା ଦରକାର ।

ଆଜିର ବସ୍ତୁ ସର୍ବସ୍ୱ ସମୟରେ ପରିବାରର ଚିତ୍ର ବଦଳିଯାଉଛି । ବ୍ୟସ୍ତବହୁଳ କର୍ମଦାୟିତ୍ୱର ବୋଝ ଭିତରେ ସମସ୍ତେ ପେଶି ହୋଇଯାଉଛନ୍ତି । ପରିବାର ସହ କିଛି ମୁହୂର୍ତ୍ତ ବାଣ୍ଟିବା ପାଇଁ କାହା ପାଖରେ ବି ଆଉ ସମୟ ନାହିଁ । ପିଲାଟିଏ ହେଉ ବା ଗୁରୁଜନ ସମସ୍ତଙ୍କ ସହ ସମୟ ବାଣ୍ଟିବାର ଯେଉଁ ଅନାବିଳ ମମତା ତାହା କ’ଣ କେଉଁଠି କେଉଁ ମୂଲ୍ୟରେ ବି ମିଳିପାରିବ ? ସହର ଠାରୁ ଗାଁ ସବୁଠି ଆଜି ପରିବାର ଖାଁ ଖାଁ, ଯେଉଁ ପରିବାରର ଅଗଣାରେ ଦିନେ ଫାଟି ପଡୁଥିଲା ଖୁସିର ଜୁଆର, ଆନନ୍ଦର ଢ଼େଉ, ସେଠି ଆଜି ନିସ୍ତବ୍ଧ ନିର୍ଜନତା । ପିଲାମାନେ ବଡ଼ ହେଉଛନ୍ତି, ସେମାନଙ୍କ ପାଠଶାଠ ଆଉ ଚାକିରି ସବୁକିଛି ବାହାରେ, ହେଲେ ସମସ୍ତେ ଭୁଲି ଯାଉଛନ୍ତି ପରିବାରକୁ । ସହରରେ ବି ପରିବାର ଅଛି କିନ୍ତୁ ସେ ପରିବାର ଭିତରେ କେତେ ରହିଛି ଆନନ୍ଦ, କେତେ ରହିଛି ଖୁସି ଆଉ ସୁଖର ଖୋଲା ମୁହୂର୍ତ୍ତ ସବୁ ? ସୂଚନା ପ୍ରଯୁକ୍ତିର କ୍ରାନ୍ତୀ ସମସ୍ତଙ୍କୁ ଯୋଡ଼ି ଦେଇଛି କମ୍ପ୍ୟୁଟର, ଲାପଟପ୍ ଆଉ ମୋବାଇଲର ମାୟା ଭିତରେ । କିନ୍ତୁ ଏହା ଭିତରେ ଲୁଚି ରହିଛି ପରିବାରକୁ ଖୋଜୁଥିବା ଲୋଡୁଥିବା କିଛି ମଣିଷ । ବର୍ତ୍ତମାନର ସମାଜ ଓ ପରିବର୍ତ୍ତିତ ସମୟର ସୁଅକୁ ଦେଖିଲେ ଲାଗୁଛି ପରିବାର ସବୁ ଭାଙ୍ଗିଯାଉଛି । ଦିନ ଥିଲା ସର୍ବବୃହତ୍ ଯୌଥ ପରିବାରକୁ ନେଇ ଲୋକମାନେ ଗର୍ବ ଅନୁଭବ କରୁଥିଲେ । ବର୍ତ୍ତମାନ ବି ଅନେକ ସ୍ଥାନରେ ଯୌଥ ପରିବାର ରହିଛନ୍ତି ଯେଉଁଠି ପଚାଶ ଷାଠିଏରୁ ଅଧିକ ସଦସ୍ୟ ଗୋଟିଏ ଛାତ ତଳେ, ଗୋଟିଏ ହାଣ୍ଡିରେ ବି ଖାଉଛନ୍ତି । କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ‘ମାଟିର ମଣିଷ’, ବରଜୁ ପ୍ରଧାନଙ୍କ କଥା ଅନୁଯାୟୀ ବିଲରେ ହିଡ଼ ପଡ଼ିନାହିଁ କି ଘରେ ପାଚେରୀ ଉଠି ନାହିଁ । ଆଉ ଏହା ହିଁ ହେଉଛି ଯୌଥ ପରିବାରର ସବୁଠାରୁ ବଡ଼ ଶ୍ରଦ୍ଧାଶୀଳ ଲକ୍ଷଣ । ତଥାପି କିଛି ଏକାନ୍ନବର୍ତ୍ତୀ ଛୋଟ ଛୋଟ ପରିବାର ରହିଛି । ସମାଜ ବିଜ୍ଞାନର ଭାଷା ପରିବାରର ସଂଜ୍ଞା ଓ ଧାରାକୁ ବଦଳାଇ ଦେଇଛି । ଘର ହିଁ ସ୍ୱର୍ଗ । ଆଉ ଘର ହେଉଛି ସବୁଠାରୁ ଜଣଙ୍କ ପାଇଁ ସୁନ୍ଦର ଓ ସୁରକ୍ଷିତ ଆଶ୍ରୟସ୍ଥଳ । ଘର ପରି ବୈକୁଣ୍ଠ ଏ ସୃଷ୍ଟିରେ ଆଉ କିଛି ହିଁ ନାହିଁ । ତଥାପି ଭୁଲବୁଝାମଣାର ବିଭେଦତା ପରିବାର ଭିତରେ ବେଳେବେଳେ ଦୁଃଖ, ଝଡ଼ ଆଉ ଝଞ୍ଜାର କାଳ ବୈଶାଖୀକୁ ସାମ୍ନା କରିଥାଏ । ତଥାପି କିନ୍ତୁ ବୈକୁଣ୍ଠ ସମାନ ଘର କେବେ ବି ଭାଙ୍ଗି ନଥାଏ । ଭାଇଚାରା, ଭଲ ପାଇବାର ବନ୍ଧନୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଭକ୍ତି, ଲଘୁଜନଙ୍କ ପ୍ରତି ପ୍ରେମ ଓ କର୍ତ୍ତବ୍ୟର ଦାୟିତ୍ୱ ବୋଧତା ଗୋଟିଏ ରଜ୍ଜୁରେ ସମସ୍ତଙ୍କୁ ବାନ୍ଧିଥାଏ । ପରିବାରର ବାହାରକୁ ଦେଖା ଦେଉଥିବା ଝଡ଼ ଦୁଃଖଦ ମୁହୂର୍ତ୍ତରେ ପରିବାରର ସମସ୍ତେ ଗୋଟାଏ ବିଡ଼ାର କାଠ ପରି ବାନ୍ଧି ହୋଇ ଶକ୍ତିଶାଳୀ ହୋଇଯାଇଥାନ୍ତି । ଆଜି ବିଶ୍ୱ ପରିବାର ଦିବସ ଅବସରରେ ବୈକୁଣ୍ଠ ସମାନ ଘରର ମୂଲ୍ୟବୋଧତାକୁ ଅନୁଭବ କରି ପରିବାରର ସମ୍ମାନ, ସଂସ୍କାର ଓ ପରମ୍ପରାକୁ ଉଜ୍ଜୀବିତ କରି ଯଥାର୍ଥ ମାନବୀୟ ଜୀବନକୁ ପ୍ରତିପାଦନ କଲେ ଏହା ହିଁ ହେବ ପରିବାର ପ୍ରତି ଶ୍ରେଷ୍ଠ ଦାୟିତ୍ୱବୋଧତା । ସେହି ବୈକୁଣ୍ଠ ସମାନ ଗୃହରୁ ଶୁଣାଯାଉଛି ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱର – ‘ପିତାଙ୍କୁ ଶ୍ରଦ୍ଧା ମାଙ୍କୁ ଟାଣ, ସେହି ଶିଶୁ ହୁଏ ସାମ୍ୟପ୍ରାଣ। ମାତୃଭକ୍ତି ଅତୁଟ ଯେତେ ସେହି ଶିଶୁ ହୁଏ କୃତୀ ସେତେ। ପିତା ଧର୍ମ ପିତା ସ୍ୱର୍ଗ, ପିତା ହିଁ ତପର ନନ୍ଦନା, ପିତୃ ପ୍ରୀତି ଟାଣି ଆଣେ ସବୁ ଦେବତାର ବନ୍ଦନା।’

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ସୁନା ପିଲା

॥ ଅନୀତା ପଟ୍ଟନାୟକ ॥

ବିଲେ ଓ ସୁଶ୍ରୀ ଦୁଇ ଭାଇ ଭଉଣୀ ଥିଲେ। ସେମାନେ ଯାଆଁଳା ହୋଇ ଥିବାରୁ ଗୋଟିଏ ଶ୍ରେଣୀରେ ପଢୁଥିଲେ। ତାଙ୍କ ଶିକ୍ଷକ ସେମାନଙ୍କୁ ଭଲ ପିଲା ହେବା ପାଇଁ ଭଲ କଥା ସବୁ ଶିଖାଉଥିଲେ। ଯଥା ଦୟା ଏକ ଭାଷା ତାହା ମୁକ କହିପାରେ ଏବଂ ବଧିର ଶୁଣିପାରେ ଏବଂ ବୁଝିପାରେ ଆତ୍ମାନନ୍ଦରେ ରହୁଥିବା ମଣିଷ କେବେ ଗରିବ ନୁହେଁ। ନିରାନନ୍ଦରେ ରହୁଥିବା ମଣିଷ କେବେ ଧନୀ ହୋଇପାରେନା। ଅଭ୍ୟାସ ମଣିଷର ଏକ ଭଲ ବନ୍ଧୁ ଓ ଶତ୍ରୁ ମଧ। ଅନୁକମ୍ପା କେବେ ବେକାର ଯାଏନାହିଁ ଯେ ପର୍ଯ୍ୟନ୍ତ ତୁମେ ତାକୁ ଛାଡ଼ି ନ ଦେଇଛ। ତୁମ ପାଖରେ କଣ ଅଛି, ଯେତେ ବଡ଼କଥା ନୁହେଁ ବରଂ ପ୍ରକୃତରେ ତୁମେ କଣ ତାହା ବଡ଼କଥା।

ବିଲେ ଓ ସୁଶ୍ରୀ ଏପରି କଥାଶୁଣି ସେମାନେ କିପରି ଭଲ ପୁଅ ଓ ଭଲ ଝିଅ ହୋଇପାରିବେ ଓ ଶିକ୍ଷକଙ୍କ ପରି ଜଣେ ଭଲ ମଣିଷ ହୋଇପାରିବେ, ଭଲ କଥା ଓ କାମ କରିପାରିବେ ସେ ବିଷୟରେ ମାଆଙ୍କ ଠାରୁ ବୁଝିବାକୁ ଚାହିଁଲେ। ବିଲେ ପଚାରିଲା ମାଆ ମୁଁ କଣ କଲେ ସମସ୍ତେ ମତେ ଭଲ ପିଲା ବୋଲି କହିବେ। ମାଆ କହିଲେ ବିଲେ ତୁମେ ଏକ ଉଦାହରଣ ନିଅ। ସଫା ସୁତୁରା ରହିବା ଭାବକୁ ଦିବ୍ୟତ୍ୱ ସହ ତୁଳନା କରାଯାଇଛି। ଅପରିଷ୍କାର ଓ ଅପରିଚ୍ଛନ୍ନ ଲୋକଙ୍କୁ କେହି ଭଲ ପାଆନ୍ତି ନାହିଁ ଏପରିକି ଭଗବାନ ମଧ। ତୁମର ପରିଷ୍କାର ପରିଚ୍ଛନ୍ନତା ତୁମର ନଖକୁ ଦେଖିଲେ ଜଣାପଡ଼ିବ। ନଖ ଭିତରେ ଜୀବାଣୁ ରହିଯାଆନ୍ତି ତେଣୁ ଆମେ ବଡ଼ ବଡ଼ ନଖ ରଖିବା ଉଚିତ ନୁହେଁ। ପ୍ରତି ସପ୍ତାହରେ ଆମେ ନଖକୁ କାଟି ଦେବା ଉଚିତ। ଏହାଦ୍ୱାରା ଆମେ ଅନେକ ରୋଗରୁ ମୁକ୍ତି ପାଇ ପାରିବା ଓ ହାତ ସଫା ରହିବ। ବିଲେ କହିଲା ମୋ ନଖ ବଡ଼ନୁହେଁ କିନ୍ତୁ ସୁଶ୍ରୀ ତାର ସାଙ୍ଗ ମାନଙ୍କ ଠାରୁ ଦେଖି ତାର ନଖ ବଢ଼ାଉଛି। ମାଆଙ୍କୁ ସୁଶ୍ରୀ କହିଲା କାଲି ତୁମେ ଦୟା କରି ମୋର ନଖ ଗୁଡ଼ିକୁ କାଟିଦେବ। ନଖ ବଢ଼ାଇବା କେବେ ସୌନ୍ଦର୍ଯ୍ୟର କାରଣ ହୋଇନପାରେ। ମୁଁ ଜୀବଜନ୍ତୁ ବା ବାଘୁଣୀ ହେବାକୁ ଚାହୁଁନି। ମୁଁ ଭଲ ଝିଅ ହେବାକୁ ଚାହୁଁଛି। ହେଲେ ତୁମର ମୋ ପାଇଁ ଉପଦେଶ କ’ଣ ? ମା କହିଲେ ବର୍ତ୍ତମାନ ଯୁଗରେ ଟେଲିଭିଜନ ଓ ମୋବାଇଲ ଫୋନ ସମସ୍ତଙ୍କର ଭଲ ସାଙ୍ଗ ହୋଇଉଠିଛି। ତୁମେ ଭଲ ପୋଗ୍ରାମ ଦେଖି ପାରିବ। ଯଦି ଜାଣି ନପାରୁଛ ତେବେ ବାପା ମାଆଙ୍କୁ ପଚାରି ବୁଝିପାର କେଉଁ ଗୁଡ଼ିକ ତୁମର ଦରକାର। ଟେଲିଭିଜନ ଓ ମୋବାଇଲ ଫୋନକୁ ଆଖି ପାଖରେ ଲଗାଇ ଦେଖନାହିଁ ତାହା ତୁମର ଆଖି ଓ ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇବ। ଏପରି କଲେ ତୁମକୁ ସମସ୍ତେ ଭଲ ଝିଅ ବୋଲି କହିବେ। ବିଲେ କହିଲା ମୁଁ କଣ କଲେ ବାପା ଓ ତୁମେ ମତେ ଭଲ ପିଲା ବୋଲି କହିବ ? ମାଆ କହିଲେ ତୋର ପଢ଼ାଘର, ଘର ଓ ପରିବେଶକୁ ତୁ ସଫା ରଖିବୁ ତତେ ସମସ୍ତେ ଭଲ ପିଲା କହିବେ। ଏହାର ଏକ ସୁନ୍ଦର ଉପାୟ ଅଛି। ଘରେ ରଖାଯାଇଥିବା ଜିନିଷକୁ ଏପଟ ସେପଟ କରନାହିଁ ଯାହା ଯେଉଁ ଜାଗାରେ ଅଛି ସେଠାରେ ରହିବାକୁ ଦିଅ। ବହିଥାକରୁ ବହି ଆଣି ପଢ଼ି ସାରିବା ପରେ ପୁଣି ଯଥା ସ୍ଥାନରେ ରଖିଦିଅ। ଏପରି ଅଭ୍ୟାସ ଆମେ ଘରୋଇ ବ୍ୟବହାର୍ଯ୍ୟ ଜିନିଷ ପତ୍ର ମଧ୍ୟ ପ୍ରଜୁଜ୍ୟ କରିବା ଉଚିତ।

ସୁଶ୍ରୀ କହିଲା ଭାଇ ତାର ବହିକୁ ଠିକ ଜାଗାରେ ରଖେନା କାଗଜ କାଟି ଘର ସାରା ଏଣେ ତେଣେ ଫିଙ୍ଗେ। ପଢ଼ା ଟେବୁଲକୁ ସଫା ରଖେନା। ଖାଇଲା ବେଳେ ତଳେ ଖାଇବା ପକାଇ ଦିଏ। କାଲି ବାପା ଗାଧୋଇବାକୁ ଗଲାବେଳେ ଦେଖିଲେ ଗାଧୋଇବା ଘରେ ମଗ ନାହି। ତାହା ବିଲେର ପଢ଼ା ଟେବୁଲ ଉପରେ ଥୁଆ ହୋଇଥିଲା ଓ ସେ ରଙ୍ଗ ଗୋଳାଉଥିଲା। ବିଲେ କହିଲା ମୁଁ ବୁଝିଗଲି ଆଜି ଠାରୁ ଏପରି ଭୁଲ ଆଉ କରିବି ନାହିଁ। ସୁଶ୍ରୀ କହିଲା ତୁମେ ସବୁକଥା ଭାଇକୁ କହୁଛ ସେ କିପରି ଭଲ ପିଲା ହେବ ମୋ ପାଇଁ କିଛି କୁହ। ମା କହିଲେ ହଁ ତୋ ପାଇଁ ଏକ ବଡ଼ କଥା ଭୁଲି ଯାଇଛି ତତେ କହୁଛି। ଗୋଟିଏ ଝିଅ ବଦଖର୍ଚ୍ଚି ହେବା ଉଚିତ ନୁହେଁ। ଏହା ମୁଁ କେବଳ ପଇସା ଦୃଷ୍ଟିକୋଣରୁ କହୁନାହିଁ। ଆମେ ଘରର ପାଣି କଳକୁ ମନଇଚ୍ଛା ଖୋଲିଦେବା ଉଚିତ ନୁହେଁ। ଏହାଦ୍ୱାରା ଆମେ ଦେଶର କ୍ଷତି କରୁଛୁ। ଜଳ ହିଁ ଜୀବନ। ତେଣୁ ଆମେ ଜଳ ସଂରକ୍ଷଣ କରିବା ଉଚିତ। ପାଣିକଳ ଖୋଲୁଥିବା ସମୟରେ ପାଣି ବ୍ୟବହାର କରି ସାରିବା ପରେ ତୁରନ୍ତ ପାଣି କଳକୁ ବନ୍ଦ କରିଦେବା ଉଚିତ। ସୁଶ୍ରୀ ତୁମେ ଅନେକ ସମୟରେ ଘରର ଲାଇଟ ଓ ପଙ୍ଖା ବନ୍ଦ କରିବାକୁ ଭୁଲି ଯାଉଛ। ଏହା ଶକ୍ତିର ଅପବ୍ୟବହାର। ଭଗବାନ ଏପରି କରୁଥିବା ଲୋକ ମାନଙ୍କୁ ଭଲ ପାଆନ୍ତି ନାହିଁ। ଆମେ ଖର୍ଚ୍ଚ କାଟ କରିବା ଉଚିତ। ଯାହା ଆମକୁ ମିଳୁଛି ତାହାକୁ ଆମେ ସଦବ୍ୟବହାର କରିବା ଉଚିତ। ଆମେ ଭଲ ବହି ପଢ଼ିବା ଓ ଭଲ କାମ କରିବା। ବେଶୀ ପଇସା ମିଳିଲେ ଆମେ ତାକୁ ସଞ୍ଚୟ କରିବା। ସଞ୍ଚୟ ଧନ ଅଧିକ ହେଲେ ଆମେ ତାକୁ ଭଲ କାମରେ ବିନିଯୋଗ କରିବା। ବାପା ଅଫିସରୁ ଫେରି ଆସି ଦେଖିଲେ, ଘରଟି ଅଲଗା ଅଲଗା ଲାଗୁଛି। ବିଲେର ବହିପତ୍ର ସଜଡ଼ା ହୋଇ ରହିଛି। ପଙ୍ଖା, ଲାଇଟ, ପାଣି ସବୁ ବନ୍ଦ ଅଛି। ଯେପରି ଶକ୍ତିର ଉପଯୁକ୍ତ ବ୍ୟବହାର ପାଇଁ ସମସ୍ତେ ପ୍ରତିଜ୍ଞାବଦ୍ଧ। ମା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ ଓ ସୁସ୍ୱାଦ ଖାଦ୍ୟ ପରିଷି ଦେବାରେ ଆଜି ପିଲାମାନେ ବିରୋଧ କଲେନାହିଁ। ବାପାଙ୍କ ପାଟିରୁ ବାହାରିଗଲା ମୋ ପୁଅ ଝିଅ ଭଲ ପିଲା ହୋଇଗଲେଣି।

ଅବସରପ୍ରାପ୍ତ ପ୍ରଧାନଶିକ୍ଷିକା, ସେକ୍ଟର-୧୦, ସିଡିଏ,
କଟକ, ଦୂରଭାଷ : ୯୬୯୨୯୮୦୦୨୬

# ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ଭୁବନ,୧୯।୮ (ମହାଭାରତ):** ଭୁବନ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ୭୮ତମ ସ୍ୱାଧୀନତା ଦିବସ ଆନନ୍ଦ ଉଲ୍ଲାସର ସହ ପାଳନ ହେଉଥିବା ବେଳେ ଦିବସବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ସେହିଦିନ ଅପରାହ୍ନରେ ଜଣେ ନବବିବାହିତା ମହିଳାଙ୍କ ମୃତ୍ୟୁକୁ ନେଇ ଭୁବନ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଥିବା ଘଟଣା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଖବର ନେବାରୁ ଜଣାଯାଏ ଯେ, ଭୁବନ



ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ ୧୩ର ସୁନାକର ଦଲେଇଙ୍କ ମଝିଆ ପୁଅ ଶଙ୍କର୍ଷଣ(୩୦) କଟକ ଜଗତପୁର ଅନ୍ତର୍ଗତ ବୈକୁଣ୍ଠନଗର ବାସିନ୍ଦା ରବିନାରାୟଣ ବେହେରାଙ୍କ ଝିଅ ମଧୁସ୍ମିତାଙ୍କୁ ଗତ ତା୨୩।୦୬।୨୦୨୩ରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ କନ୍ୟାଘର ପକ୍ଷରୁ ନଗଦ ୩ଲକ୍ଷ ଟଙ୍କା ସହ ୨୦୦ଗ୍ରାମର ସୁନା ଗହଣା ଦିଆଯାଇଥିଲା। ଗତ ଗୁରୁବାର ଅପରାହ୍ନରେ ଶଙ୍କର୍ଷଣ ତାଙ୍କ ସ୍ତ୍ରୀ ମଧୁସ୍ମିତାଙ୍କୁ ଗୁରୁତର ଅବସ୍ଥାରେ ଭୁବନ ଡାକ୍ତରଖାନାରେ ଭର୍ତି କରିଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡି ନଥିବା ବେଳେ ମଧୁସ୍ମିତାଙ୍କ ଭାଇ ଅମିତ ରଞ୍ଜନ ବେହେରା ତାଙ୍କ ଭଉଣୀକୁ ହତ୍ୟା କରାଯାଇଥିବା ଭୁବନ ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ସଂପର୍କରେ ପୋଲିସ୍ ପକ୍ଷରୁ ସାଇଁଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଜାରି ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ଶଙ୍କର୍ଷଣ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବିଭିନ୍ନ ଶାଖାରେ କିରାଣୀ ଭାବେ କାର୍ଯ୍ୟ କରୁଥିଲେ। କୌଣସି କାରଣକୁ ନେଇ ସେ ଗତ କିଛିମାସ ତଳେ ପ୍ରାୟ ୨୯ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗକ୍ରମେ ନିଲମ୍ବିତ ହୋଇଛନ୍ତି। ଏହି ଘଟଣାକୁ ନେଇ ଶଙ୍କର୍ଷଣଙ୍କ ପରିବାର ମଧ୍ୟରେ କଳହ ଲାଗି ରହିଥିଲା। ତେବେ ଚାକିରୀରୁ ନିଲମ୍ବନ ପରେ ଶଙ୍କର୍ଷଣ ଶ୍ୱଶୁର ଘରୁ ପୁଣି ୪ଲକ୍ଷ ଟଙ୍କା ଆଣିବା ଓ ଆହୁରି ଅଧିକ ଟଙ୍କା ପାଇଁ ଚାପ କରୁଥିବା ମୃତା ମଧୁସ୍ମିତାଙ୍କ ଭାଇ ଅମିତ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ତାଙ୍କ ଭଉଣୀ ମଧୁସ୍ମିତାର ତଂଟିଚିପି ହତ୍ୟା କରାଯାଇଥିବା ଅଭିଯୋଗରେ ଅମିତ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତି କରି ପୋଲିସ୍ ପକ୍ଷରୁ ସ୍ୱାମୀ ଶଙ୍କର୍ଷଣଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ମନସ୍ମିତା ମହାନ୍ତି ସୂଚନା ଦେଇଛନ୍ତି।

# ବନ୍ଧକାଟିଆ ସେବା ସମବାୟ ସମିତିରେ ମହାଘୋଟାଲା, ତଦନ୍ତ ଦାବି

**ନିଶ୍ଚିନ୍ତକୋଇଲି,୧୯।୮ (ମହାଭାରତ):** ନିଶ୍ଚିନ୍ତକୋଇଲି ବ୍ଲକ ବହୁ ଚର୍ଚ୍ଚିତ ବନ୍ଧକାଟିଆ ସେବା ସମବାୟ ସମିତିରେ ବ୍ୟାପକ ଘୋଟାଲା ହୋଇଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ଦୀର୍ଘ ଦିନ ହେଲା ବନ୍ଧକାଟିଆ ସେବା ସମବାୟ ସମିତି ସ୍ଥାନୀୟ ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଚାଲୁ ରହିଛି। ଏହି ସେବା ସମବାୟ ସମିତିର ନିଜସ୍ୱ ଜମି ନାହିଁ। ଏହି ସେବା ସମବାୟ ସମିତିର ନିଜସ୍ୱ ଗୃହ ନିର୍ମାଣ ନିମନ୍ତେ ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ଜମି ଯୋଗାଇ ଦିଆଯାଇଥିଲା। ମାତ୍ର ତହସିଲ ପକ୍ଷରୁ ଯୋଗାଇ ଦିଆଯାଇଥିବା ଜମି ଠାରୁ ଅଧିକ ଜମି ସେବାସମବାୟ ସମିତି ତରଫରୁ ଜବର ଦଖଲ କରାଯାଇଥିବାର ଅଭିଯୋଗ ହୋଇଛି। ସେବା ସମବାୟ ସମିତି କିପରି ସରକାରୀ ଜମିକୁ ଜବରଦଖଲ କଲା ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ



ଏହି ଜମି ଉପରେ ମାର୍କେଟ ବିଲଡିଂ, ସାଇମନ୍ଦିର ବେଆଇନ ଭାବେ ନିର୍ମାଣ କରାଯାଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଭାବେ ଏହି ସେବା ସମବାୟ ସମିତିର ନିଜସ୍ୱ ଗୃହ ନିର୍ମାଣ ନିମନ୍ତେ ସରକାରୀ ଅର୍ଥ ବିନିଯୋଗ କରାଯାଇଥିଲା ବେଳେ ସେବା ସମବାୟ ସମିତିର ଅର୍ଥ ମଧ ବିନିଯୋଗ କରାଯାଇଥିବାର ଅଭିଯୋଗ ହୋଇଛି। ତେବେ ଏହି ସେବା ସମବାୟ ସମିତିର ଗୃହ ନିର୍ମାଣ ନିମନ୍ତେ ୨ଟି ସରକାରୀ ସଂସ୍ଥାରୁ କିପରି ଅର୍ଥ ବିନିଯୋଗ କରାଗଲା ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ସରକାରୀ ଜମିକୁ ଚଂଚକତା କରାଯାଇ ଜବରଦଖଲ କରାଯିବା ଓ ମାର୍କେଟ ବିଲଡିଂ ତଥା ମନ୍ଦିର ନିର୍ମାଣ କରାଯାଇଥିବା ଘଟଣାରେ ମର୍ଦ୍ଧ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ବିନିଯୋଗ ହୋଇଥିବାର ଅଭିଯୋଗ ହୋଇଛି। ତେବେ ଏହି ସେବା ସମବାୟ ସମିତିର ଗୃହ ନିର୍ମାଣରେ ବ୍ୟାପକ ଚଂଚକତା ଓ ଅନିୟମିତତା କରାଯାଇଥିବାର ଅଭିଯୋଗ ହୋଇଛି। ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ରହସ୍ୟର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ତେବେ ପ୍ରଶାସନ ପକ୍ଷରୁ ଏହି ଦୁର୍ନୀତିର କେବେ ପର୍ଦ୍ଦାଫାର୍ସ କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ନୁଆଣିଆ ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

**କଳାପଥର,୧୯।୮ (ମହାଭାରତ):** ଗୋଟିଏ ଝିଅ ବିଭାଘର ପୂର୍ବରୁ କେତେ ସ୍ୱପ୍ନ ଦେଖିଥାଏ. କେତେ ଠାକୁରଙ୍କୁ ନିଜର ମନର କଥା କହି ଉପବାସ କରିଥାଏ। ଭଲ ବର ଏବଂ ଭଲ ଘର ସହିତ ଭଲ ପରିବାର। ନିଜ ଇଚ୍ଛାରେ ଭଲ ବର ଦେଖି ଜଣେ ଝିଅ ନିଜ ଗାଁରେ ଗୋଟେ ସୁନ୍ଦର ପୁଅକୁ ଭଲ ପାଇ ବିବାହ କରିଥିଲା। ଭଗବାନ ସବୁ ଇଚ୍ଛା ପୂରଣ କରି ନଥିଲେ ମଧ ଗାଁ ରେ ଜଣେ ମେଧାବୀ ଛାତ୍ର ଓ ଶାନ୍ତ ସରଳ ପୁଅକୁ ଜୀବନ ସାଥି ଭାବେ ତାଙ୍କୁ ଦେଇଥିଲେ। କିନ୍ତୁ ବିବାହର କେଇ ମାସ ପରେ ହଠାତ ସ୍ୱାମୀଙ୍କୁ ଏକ ଅଜଣା ଗାଡି ଧକ୍କା ଦେବା ଫଳରେ ତାଙ୍କର ସ୍ୱାମୀ ଦିବ୍ୟାଙ୍ଗ ପାଲଟି ଯାଇଥିଲେ। ସେହି ଦିନରୁ ସ୍ୱାମୀ ଦିବ୍ୟାଙ୍ଗ ଜୀବନ ବିତାଉଛନ୍ତି। ବାଙ୍କୀ ବ୍ଲକ ଅଧୀନ କଳାପଥର ଗ୍ରାମ ପଞ୍ଚାୟତର କଦମ୍ବପାଟଣା ଗ୍ରାମରେ ସେ ରହୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ କିମ୍ବା ମୁଖ୍ୟମନ୍ତ୍ରୀ ମୋ କୁଡ଼ିଆ ଯୋଜନା ପାଇଁ ଗୁହାର କରି ଥକି ପଡ଼ିଥିଲେ ହେଁ ସରକାରୀ ବାବୁଙ୍କ ପାଖରେ ଏପର୍ଯ୍ୟନ୍ତ ତାହା କୁମ୍ଭୀର କାନ୍ଦଣା ପାଲଟିଛି। ଚଳିତ ଅଗଷ୍ଟ ମାସ ଆରମ୍ଭରେ ବାଙ୍କୀ ବ୍ଲକ କଳାପଥର ଆଞ୍ଚଳରେ ରେକର୍ଡ ଭୁକ୍ତ ସର୍ବାଧିକ ବର୍ଷା ହୋଇଥିଲା। ଫଳରେ ତାଙ୍କ ନୁଆଣିଆ ଜରି ପାଲ ଟଣା ଘରେ ଆଣ୍ଠୁଏ ପାଣି ଭର୍ତ୍ତି ହୋଇ ଯାଇଥିଲା। ଅନିଦ୍ରା ରହି ରାତିଦିନ ଘରୁ ବାଲ୍ଟି ଡାଟିଆ ଧରି ବର୍ଷା ପାଣି ବାହାର କରୁଥିଲେ ଶାଶୁ ବୋହୂ। ଚୁଲିରେ ପାଣି ପଶିଯିବାରୁ ରାନ୍ଧିବା ବନ୍ଦ ହୋଇଯାଇଥିଲା। ପଡୋଶୀ ଯଦି ଦିନରେ ଖାଇବାକୁ ଦେଇଥିଲେ। ରାସ୍ତା ଉଚ୍ଚା ହୋଇ ଯିବାରୁ ନୂଆଣିଆ ଚାଳ ଘରେ ସବୁବେଳେ ବିଷାକ୍ତ ସରୀସୃପ ଯାତାୟତ କରୁଛନ୍ତି। ଭଙ୍ଗା ଚାଳ ଘର ଉପରେ ପଲିଥିନ ଟାଣି ରହୁଥିବା ବେଳେ ଅତ୍ୟନ୍ତ ଗରିବ ପରିବାର ପ୍ରତି ପକ୍କା ଛାତ ଘର ସାତ ସପନ ପାଲଟିଛି। କଦମ୍ବପାଟଣା ଗ୍ରାମର ନିର୍ମଳା ସାହୁ ସ୍ୱାମୀ ଶ୍ରୀଧର ସାହୁ ଜଣେ ଦିବ୍ୟାଙ୍ଗ ଅଟନ୍ତି। ଓଡିଶା ବାହାରକୁ ଯାଇ ଦାଦନ ଖଟି ପେଟ ପୋଷନ୍ତି। ନିର୍ମଳା ପର ଘରେ କାମ ପାଇଟି ମଧ କରନ୍ତି। ସ୍ୱାମୀ ଓ ଦିଅର ଦୁଇ ଭାଇ ହୋଇଥିବା ବେଳେ ସାନ ଭାଇ ଗାଁରେ ରଙ୍ଗ କାମ କରନ୍ତି।

# ମାନସିକ ରୋଗ ଚିହ୍ନଟ ପାଇଁ ସଚେତନତା

**ଅମ୍ବାଦଳା,(ମହାଭାରତ):** ରାୟଗଡା ଜିଲ୍ଲା ଅମ୍ବାଦଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅନୁକୁଲ୍ୟରେ ଏକ ମାନସିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅମ୍ବାଦଳା, ଅମଲାଭଟା, ରାଣିପିଣ୍ଡା, ଇଛାପୁର, ରଘୁବାରି, ଡିମିରିଗୁଡା, ଘମଟଗୁଡା ଓ ସରଧାପୁର ଗ୍ରାମପଞ୍ଚାୟତ ର ୧୦୨ ଜଣ ମାନସିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୩୦ ଜଣ ନୂତନ ମାନସିକ ରୋଗୀ ଚିହ୍ନଟ କରି ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିବାବେଳେ ପ୍ରାୟ ୩୦ ଜଣ ପୁରୁଣା ରୋଗୀଙ୍କୁ ମଧ ପରୀକ୍ଷା କରି ଔଷଧ ନେବା ସଙ୍ଗେ ସଙ୍ଗେ ସେମାନଙ୍କୁ ଅନଲାଇନ ପ୍ରମାଣପତ୍ର କରି ମାସିକ ୩୫୦୦/- ଟଙ୍କା ଭତ୍ତା ପାଇବା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିଥିବା



ଦେଖିବାକୁ ମିଳିଛି। ଏହି ଶିବିରକୁ ଡ଼ଃ ସ୍ୱାତି ମିଶ୍ର ମାନସିକ ବିଶେଷଜ୍ଞ ଏମକେସିଜି, ମେଡିକାଲ, ବ୍ରହ୍ମପୁର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିଥିବାବେଳେ ଡ଼ଃ ପୂର୍ଣ୍ଣଚନ୍ଦ୍ର କାଦାମ୍ବାଲୁ, ଡ଼ଃ ସମର୍ଜିତ ଖୁଣ୍ଟିଆ ଓ ଡ଼ଃ ସୀମାଦ୍ରୀ ବେହେରା ରାୟଗଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରୁ ଚିକିତ୍ସାରେ ସହାୟତା କରିଥିଲେ। ଉକ୍ତ ସିବିରକୁ ଶ୍ରୀମତୀ ସଂଯୁକ୍ତା ଗମାଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ମୁନିଗୁଡ଼ା, ସାନ୍ତନା ପାଲ ସ୍ୱାସ୍ଥ୍ୟ ପରିଦର୍ଶକ ଅମ୍ବାଦଳା ପରିଚାଳନା କରିଥିବାବେଳେ ଅମ୍ବାଦଳା ମେଡିକାଲର ସ୍ୱାସ୍ଥ୍ୟ କର୍ମୀ ତପନ କୁମାର ବେହେରା, ଜୀବନ ହିଆଲ, ସୁମନ୍ତ ଦଳେଇ, ସୁମନ୍ତ ମାଝି ଓ ତପନ କୁମାର ଗାଣ୍ଡା ସମ୍ପୂର୍ଣ ସହଯୋଗ କରିଥିଲେ। ୧୦୨ଟି କେଶକୁ ୮ଗୋଟି ଉପକେନ୍ଦ୍ରର ୫୦ ଜଣ ଆଶା କର୍ମୀମାନେ ଆଣି ସ୍ୱାସ୍ଥ୍ୟ ଶିବିରକୁ ସଫଳ କରାଇଥିବା ଦେଖିବାକୁ ମିଳିଛି।

# ସୁଭଦ୍ରା ଯୋଜନା ଜିଲ୍ଲାସ୍ତରୀୟ ପରାମର୍ଶ ବୈଠକ

**କେନ୍ଦୁଝରଗଡ଼, (ମହାଭାରତ):** କେନ୍ଦୁଝର ଜିଲାସ୍ତରୀୟ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ସମ୍ବନ୍ଧରେ ଦରବାରହଲ ଠାରେ ପୂର୍ବାହ୍ନରେ ଜିଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଏକ ପରାମର୍ଶ ଏବଂ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମିତା ନାଏକ ସମସ୍ତଙ୍କୁ ସ୍ୱାଗତ ଜଣାଇ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ସୁଭଦ୍ରା ଯୋଜନା ମାଧ୍ୟମରେ କିଭଳି ସମସ୍ତ ମହିଳାମାନଙ୍କର ଆର୍ଥିକ ମାନଦଣ୍ଡ ଅଧିକ ସୁଦୃଢ ହେବା ସହିତ ମହିଳାମାନେ ଅଧିକ ସଶକ୍ତ ହୋଇପାରିବେ ସେ ସମ୍ପର୍କରେ ଉପସ୍ଥିତ ମହିଳା ସେମାନଙ୍କ ନିଜସ୍ୱ ମତବ୍ୟକ୍ତ କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ଏହି ଯୋଜନାରେ ଯେଭଳି କୌଣସି ଜଣେ ଯୋଗ୍ୟ ହିତାଧିକାରୀ ଉକ୍ତ ଯୋଜନାରୁ ବଞ୍ଚିତ ନ ହେଉ ଏଥିପାଇଁ ସବୁସ୍ତରରେ କାର୍ଯ୍ୟ କରୁଥିବା କର୍ମକର୍ତ୍ତାମାନେ ଯଥେଷ୍ଟ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ।

# ଅଭିନେତ୍ରୀ ବାଣୀ କପୁରଙ୍କୁ ଭାରତୀୟ ସୋଲିଟେୟାର ଫେଷ୍ଟିଭାଲ ଅଭିଯାନର ଚେହେରା

**ଭୁବନେଶ୍ୱର,୧୯।୮ (ମହାଭାରତ):** ବଲିଉଡ୍ ଅଭିନେତା ବାଣୀ କପୁରଙ୍କ ସହଯୋଗରେ ଏକ ସପ୍ତାହ ତଳେ 'ସୋଲିଟେୟାର ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ' (ଟିଏସ୍‌ଏଫ୍‌ଆଇ)ର ତୃତୀୟ ସଂସ୍କରଣ ଉନ୍ମୋଚନ କରିଥିବା ଅଗ୍ରଣୀ ହୀରା ଗହଣା ବ୍ରାଣ୍ଡ 'ଡିଭାଇନ୍ ସୋଲିଟେୟର୍ସ'କୁ ପାର୍ଟନର ଜୁଏଲର୍ ଷ୍ଟୋର୍ ଏବଂ ଗ୍ରାହକଙ୍କ ଠାରୁ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। ଏହାର ଗତ ଦୁଇଟି ସଂସ୍କରଣରେ ୧୨୫୦୦ରୁ ଅଧିକ ଉପହାର ଯେଉଁଥିରେ ଉତ୍ସବ ସମୟରେ କିଣିଥିବା ଗ୍ରାହକମାନେ ଦେଇଥିଲେ ଏବଂ ଜିତିଥିଲେ । ବିଶେଷ କରି ବଜେଟ୍ ପରେ ସୁନା ଦର ହ୍ରାସ ପାଇବା ସହ ହୀରା ମଧ ଅଧିକ ଶସ୍ତା ହୋଇଥିବାରୁ ଚଳିତ ବର୍ଷ ମଧ ଗ୍ରାହକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ମାତ୍ର ୨୦,୦୦୦ ଟଙ୍କାରୁ ଆରମ୍ଭ ହୋଇ ଏହି ପ୍ରାକୃତିକ ହୀରା ସଂଗ୍ରହ ଉତ୍ସବ ଓ ବିବାହ ଋତୁ ପୂର୍ବରୁ ଭିନ୍ନ ଭିନ୍ନ ବଜେଟରେ ଗ୍ରାହକଙ୍କୁ ଆକୃଷ୍ଟ କରୁଛି।

ପ୍ରତିବର୍ଷ ଟିଏସଏଫଆଇ ଆୟୋଜନ କରିବାର ସମ୍ପୂର୍ଣ୍ଣ ଧାରଣା ହେଉଛି ପ୍ରତ୍ୟେକ ଗ୍ରାହକ ଯିଏ ସର୍ବୋତମ ଗୁଣବତାର ମାଲିକ ଏବଂ କିଣିବାକୁ ଇଚ୍ଛା କରନ୍ତି ସେମାନଙ୍କୁ ବଜାରର ଶ୍ରେଷ୍ଠ ରତ୍ନଗୁଡ଼ିକୁ ଦେଖିବା, ଅନୁଭବ କରିବା ଏବଂ ସ୍ପର୍ଶ କରିବାର ସୁଯୋଗ ଦେବା ଏବଂ ସେମାନଙ୍କ କ୍ରୟ କ୍ଷେତ୍ରରେ ଏକ ସଚେତନ ଚୟନ କରିବା । ଆମର ଗ୍ରାହକମାନେ ଗୁଣାତ୍ମକ ଗ୍ୟାରେଟି ଏବଂ ମୂଲ୍ୟ ନିର୍ଦ୍ଧାରଣ ସ୍ୱଚ୍ଛତାର ଆମର ଅତୁଳନୀୟ ପ୍ରତିଶ୍ରୁତିରୁ ନିଶ୍ଚିତ ହୋଇପାରିବେ। ୨୦୦୬ମସିହାରେ ଡିଭାଇନ୍ ସୋଲିଟେୟର୍ସ ପ୍ରତିଷ୍ଠା କରିବା ପରଠାରୁ ସାରା ବିଶ୍ୱର ଗ୍ରାହକଙ୍କ ପାଇଁ ହୀରା କ୍ରୟ ଅନୁଭୂତିରେ ବିପ୍ଳବ ଆଣିଥିବା ଡିଭାଇନ୍ ସୋଲିଟାୟର୍ସର ପ୍ରତିଷ୍ଠାତା ଜିଗ୍ନେଶ ମେହେଟ୍ଟା କହିଛନ୍ତି ଯେ ଆମେ ଜୀବନର ସବୁଠାରୁ ଦିବ୍ୟ ମୁହୂର୍ତ ଯଥା ନିର୍ବନ୍ଧ, ବିବାହ, ବାର୍ଷିକୀ ଏବଂ ଜନ୍ମଦିନକୁ ପାଳନ କରିବା ଏବଂ ସ୍ମରଣ କରିବା ପାଇଁ ସେମାନଙ୍କୁ ସକ୍ଷମ କରିବା ପାଇଁ ସର୍ବୋତମ କିଛି ପ୍ରଦାନ କରୁନାହୁଁ ।

# ଲାଇଫଂ ହୋଟେଲ ଭୁବନେଶ୍ୱର ଅଗଷ୍ଟ ପାଇଁ ଏକ ଖୁସିର ମାସ ଘୋଷଣା କଲା

**ଭୁବନେଶ୍ୱର,୧୯।୮ (ମହାଭାରତ):** ୨୦୨୪ ଅଗଷ୍ଟ ମାସରେ ହେବାକୁ ଥିବା ବିଭିନ୍ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ଲାଇଫ୍ ହୋଟେଲସ୍ ଭୁବନେଶ୍ୱର ଆନନ୍ଦ ଓ ଉତ୍ସବର କେନ୍ଦ୍ରବିନ୍ଦୁ ହେବାକୁ ଯାଉଛି। ସମୃଦ୍ଧ ଅନୁଭୂତି ପ୍ରସ୍ତୁତ କରିବା ପାଇଁ ଏହାର ପ୍ରତିବଦ୍ଧତା ପ୍ରଦର୍ଶନ କରି, ହୋଟେଲ ରେ ଏକ ଉତ୍ସବର ଧାଡ଼ି ଉପସ୍ଥାପନ କରାଯାଇଛି ଯାହା ସମସ୍ତ ଅତିଥିଙ୍କୁ ଆନନ୍ଦିତ ଏବଂ ଆକର୍ଷିତ କରିବାର ପ୍ରତିଶ୍ରୁତି ଦେଇଥାଏ । ଅଗଷ୍ଟ ୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଚକୋଲେଟ୍ ପ୍ରେମୀମାନେ କାଫେ ଡେଲିରେ ଡାର୍କ ଫ୍ୟାଟାସି ଅଫରରେ ସାମିଲ ହୋଇପାରିବେ, ଯେଉଁଠାରେ ମେନୁ ଡାର୍କ ଚକୋଲେଟ୍ ମିଠାର ଆଶ୍ରୟସ୍ଥଳୀରେ ପରିଣତ ହେବ। ଇନ୍‌ଲୁ ଷ୍ଟାଣ୍ଡରେ ସୁନ୍ଦର ଭାବରେ ପ୍ରଦର୍ଶିତ ଏହି ମେନୁ କେବଳ ଆଖି ପାଇଁ ଭୋଜି ହେବ ନାହିଁ ବରଂ ପ୍ରକୃତରେ ଏକ ଖରାପ ଅନୁଭୂତି ପାଇଁ ମଂଚ ମଧ ପ୍ରସ୍ତୁତ କରିବ। ଅଗଷ୍ଟ ୧୫ ରେ ସ୍ୱାଧୀନତା ଦିବସ ଲିଫେ କିଚେନରେ ଏକ ଭବ୍ୟ ବ୍ରଚ୍ ସହିତ ପାଳନ କରାଯିବ, ଯାହାର ମୂଲ୍ୟ ୧୮୯୫ ଟଙ୍କା (ଟିକସ ବ୍ୟତୀତ), ଲାଇଭ୍ ବାଦ୍ୟ ସଙ୍ଗୀତ ଏବଂ ଚେହେରା ଚିତ୍ରକଳା କାର୍ଯ୍ୟକଳାପ ଏବଂ ଦେଶାତ୍ମବୋଧକ ଗୀତ ଦ୍ୱାରା ବୃଦ୍ଧି ପାଇବ । ଏହି ହୋଟେଲର ସଜ୍ଜା ଦେଶର ରଙ୍ଗକୁ ପ୍ରତିଫଳିତ କରିବା ସହ ଏକ ଜୀବନ୍ତ ଓ ଦେଶାତ୍ମବୋଧକ ପରିବେଶ ସୃଷ୍ଟି କରିବ। ଅଗଷ୍ଟ ୧୯ ତାରିଖରେ, ରକ୍ଷାବନ୍ଧନରେ ସମସ୍ତ ଭୋଜନ ରେ ୨୦% ରିହାତି ଏବଂ ଅଗଷ୍ଟ ୧୪ ତାରିଖରୁ ଉପଲବ୍ଧ ରକ୍ଷାବନ୍ଧନ ହାମ୍ପୋର୍ସ ଉପରେ ୨୦% ରିହାତି ପ୍ରଦାନ କରାଯିବ, ଯାହା ପରିବାରଗୁଡ଼ିକୁ ଏକ ସ୍ମରଣୀୟ ଉତ୍ସବ ସୁନିଶ୍ଚିତ କରିବ ।

# ପ୍ୟାରିସ୍ ପାରାଲିମ୍ପିକ୍ସ ପ୍ରାୟୋଜକ ଭାବେ ଏସ୍‌ବିଆଇ ଲାଇଫଂ ପକ୍ଷରୁ ଭାରତୀୟ ପାରାଲିମ୍ପିକ୍ କମିଟି ସହ ସହଯୋଗିତା

**ଭୁବନେଶ୍ୱର,୧୯।୮ (ମହାଭାରତ):** ଭାରତର ଅନ୍ୟତମ ସବୁଠୁ ବିଶ୍ୱାସଯୋଗ୍ୟ ଜୀବନ ବୀମା କମ୍ପାନି ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ପ୍ୟାରିସ୍ ୨୦୨୪ ପାରାଲିମ୍ପିକ୍ ଗେମ୍‌ସର ଗୋଲ୍ଡ ପ୍ରାୟୋଜକ ଭାବେ ଭାରତୀୟ ପାରାଲିମ୍ପିକ୍ କମିଟି (ପିସିଆଇ) ସହ ସହଯୋଗିତା ସ୍ଥାପନ କରାଯାଇଛି। ଏହି ସହଯୋଗିତାର ଲକ୍ଷ୍ୟ ହେଉଛି ବୀମାର ଗୁରୁତ୍ୱ ଏବଂ ପ୍ରତିଟି ବ୍ୟକ୍ତିଙ୍କୁ ସଶକ୍ତ କରି ସେମାନଙ୍କ ସ୍ୱପ୍ନ ପୂରଣ କରିବା ଏବଂ ଏକ ସୁରକ୍ଷିତ ଆର୍ଥିକ ଭବିଷ୍ୟତ ଗଠନ କରିବାରେ ଏହାର ଭୂମିକା ସମ୍ପର୍କରେ ସଚେତନତାର ପ୍ରସାର କରି କ୍ରୀଡ଼ା ଉତ୍ସାହୀମାନଙ୍କ ସହ ଅର୍ଥପୂର୍ଣ୍ଣ ଢଙ୍ଗରେ ଯୋଡ଼ିହେବା।

ପାରାଲିମ୍ପିକ୍ ଗେମ୍‌ସ ହେଉଛି ଏକ ବିଶ୍ୱସ୍ତରୀୟ ମଂଚ ଯେଉଁଠାରେ ସାରା ବିଶ୍ୱର ଅସାଧାରଣ ପ୍ରତିଭା ଭାଗ ନେଇ ଦର୍ଶାଉଛନ୍ତି ଯେ କୌଣସି ସୀମା ପ୍ରତିବନ୍ଧକ ନୁହେଁ, ବରଂ ଶ୍ରେଷ୍ଠତା ପାଇଁ ଏକ ମୂଳଦୁଆ। ପିସିଆଇ ସହିତ ସହଯୋଗିତା ସ୍ଥାପନ କରି ଭାବନାର ସ୍ୱାଧୀନତାକୁ ସୁଦୃଢ଼ କରିବା, କ୍ରୀଡ଼ାରେ ଅର୍ନ୍ତଭୁକ୍ତୀକରଣର ପ୍ରସାର କରିବା ଏବଂ ଯେକୌଣସି ପ୍ରକାର ପ୍ରତିବନ୍ଧକ ସତ୍ତ୍ୱେ ନିଜ ସ୍ୱପ୍ନ ପୂରଣ କରିବା ଲାଗି ଲୋକମାନଙ୍କୁ ସଶକ୍ତ କରିବାର ପ୍ରତିବଦ୍ଧତା ଉପରେ ଆଲୋକପାତ କରିବାକୁ ଏସବିଆଇ ଲାଇଫ୍ ଲକ୍ଷ୍ୟ ରଖିଛି। କ୍ରୀଡ଼ାବିତମାନଙ୍କ ସହ ଦୃଢ଼ ଭାବେ ଠିଆ ହୋଇ ନିଜ ସ୍ୱପ୍ନକୁ ସାହସ ଓ ବିଶ୍ୱାସର ସହ ପୂରଣ କରିବାରେ ନିୟୁତାଧିକ ଲୋକଙ୍କୁ ଅନୁପ୍ରାଣିତ କରିବାକୁ ଏସବିଆଇ ଲାଇଫ୍ ଲକ୍ଷ୍ୟ ରଖିଛି।

ଏହି ଅବସରରେ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ବ୍ରାଣ୍ଡ, କର୍ପୋରେଟ୍ ଯୋଗାଯୋଗ ଓ ସିଏସ୍‌ଆର୍ ମୁଖ୍ୟ ଶ୍ରୀ ରବିନ୍ଦ୍ର ଶର୍ମା କହିଛନ୍ତି ଯେ, "ଭାରତୀୟ ପାରାଲିମ୍ପିକ କମିଟି (ପିସିଆଇ) ସହ ଆମର ଏହି ସହଯୋଗିତା ନିଜ ସ୍ୱପ୍ନ ପୂରଣ କରିବା ଲାଗି ଲୋକମାନଙ୍କୁ ସଶକ୍ତ କରିବାରେ ଆମ ପ୍ରତିବଦ୍ଧତାର ଏକ ସ୍ୱାଭାବିକ ସମ୍ପ୍ରସାରଣ। ବିଶ୍ୱ ସ୍ତରରେ ପଂହଚିବା ଓ ନିଜ ଦେଶର ପ୍ରତିନିଧିତ୍ୱ କରିବା ପାଇଁ ଆମ ପାରା-କ୍ରୀଡ଼ାବିତମାନେ ବହୁ ଆହ୍ୱାନ ଅତିକ୍ରମ କରିଛନ୍ତି। ପାରା-କ୍ରୀଡ଼ାବିତମାନେ କେବଳ ପ୍ରତିଦ୍ୱନ୍ଦ୍ୱିତା କରୁନାହାନ୍ତି ବରଂ ସାଂପ୍ରତିକ ଭାବନାକୁ ଆହ୍ୱାନ ଦେଉଛନ୍ତି ଏବଂ ପାରମ୍ପରିକ ସୀମାକୁ ଅତିକ୍ରମ କରିବା ଲାଗି ଆମକୁ ଅନୁପ୍ରାଣିତ କରୁଛନ୍ତି। ପିସିଆଇ ସହିତ ଏସବିଆଇ ଲାଇଫ୍‌ର ଏହି ସହଯୋଗିତା ଆମ ପାରା-କ୍ରୀଡ଼ାବିତ୍ ବାସ୍ତବ ଜିଦ୍, ସ୍ଥିରତା ଓ ସଂକଳ୍ପର ଅମୂଲ୍ୟ କାହାଣୀକୁ ସାମ୍ନାକୁ ଆଣୁଛି। ସବୁ ପ୍ରକାର ଆହ୍ୱାନ ସତ୍ତ୍ୱେ ନିଜ ସ୍ୱପ୍ନ ପଛରେ ଗୋଡ଼ାଇବା ପାଇଁ ନିଜ ଉପରେ ବିଶ୍ୱାସ ରଖିବା ପାଇଁ ବିଭିନ୍ନ ବର୍ଗର ଲୋକଙ୍କୁ ଅନୁପ୍ରାଣିତ କରୁଛି।

ଉପଯୋଗୀ ବାର୍ତାଳାପ ଜରିଆରେ ଦର୍ଶକମାନଙ୍କ ସହ ଅର୍ଥପୂର୍ଣ୍ଣ ଢଙ୍ଗରେ ଯୋଡ଼ି ହେବା ଲାଗି ଏସବିଆଇ ଲାଇଫ୍‌ରେ ଆମେ କ୍ରୀଡ଼ା ସହଯୋଗିତା ଜାରି ରଖିଛୁ।

# ପିରାମଲ୍ ଶାଖା ସଂଖ୍ୟା ୫୦୦ ଟପିଲା

**ଭୁବନେଶ୍ୱର,୧୯।୮ (ମହାଭାରତ):** ପିରାମଲ୍ ଏଂଟରପ୍ରାଇଜେସ୍ ଲିମିଟେଡ୍‌ର ୧୦୦ ପ୍ରତିଶତ ସହାୟକ କମ୍ପାନି ପିରାମଲ୍ ଫାଇନାନ୍ସ ପକ୍ଷରୁ ଘୋଷଣା କରାଯାଇଛି, ଯେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଏହାର ଶାଖା ସଂଖ୍ୟା ୫୦୦ ଅତିକ୍ରମ କରିଛି। ଗତଏକ ବର୍ଷ ମଧ୍ୟରେ କମ୍ପାନି ୧୦୦ରୁ ଅଧିକ ପାରମ୍ପରିକ ଓ ମାଇକ୍ରୋଫାଇନାନ୍ସ ଶାଖା ଖୋଲିଛି। ଫଳରେ ଏହାର ନେଟୱର୍କରେ ୨୬ଟି ରାଜ୍ୟର ୫୦୧ ପାରମ୍ପରିକ ଶାଖା ଓ ୨୧୦ ମାଇକ୍ରୋଫାଇନାନ୍ସ ଶାଖା ରହିଛି। ଏହା ଦେଶର ୧୩,୦୦୦ରୁ ଅଧିକ ପିନ୍‌କୋଡ୍‌ରେ ସେବା ପ୍ରଦାନ କରୁଛି। କମ୍ପାନି ୨୦୨୪-୨୫ ଆର୍ଥିକ ବର୍ଷରେ ଆଉ ୧୦୦ ଶାଖା ଖୋଲିବାକୁ ଯୋଜନା ରଖିଛି। ସେହି ଶାଖାଗୁଡ଼ିକ ଖୋଲିବା ପରେ ଏହାର ମୋଟ ପାରମ୍ପରିକ ଶାଖା ସଂଖ୍ୟା ୬୦୦ରୁ ଅଧିକ ହୋଇଯିବ ଏବଂ ଏହାର ଉପସ୍ଥିତି ୧୦୦୦ରୁ ଅଧିକ ସ୍ଥାନରେ ରହିପାରିବ। କମ୍ପାନିର ମୋଟ ପରିଚାଳନା ଅଧୀନ ସଂପତି (ଏୟୁଏମ୍) ୭୦,୫୭୬ କୋଟି ଟଙ୍କା ଅତିକ୍ରମ କରିଥିବା ବେଳେ ତାହାର ୭୨ ପ୍ରତିଶତ ଭାଗ ଖୁଚୁରା ବ୍ୟବସାୟରୁ ଆସିଛି। ଭାରତର ଉପେକ୍ଷୀତ ଓ ଅନଗ୍ରସର ବର୍ଗଙ୍କୁ ସେବା ପ୍ରଦାନ କରିବା ଲାଗି ପିରାମଲ୍ ଫାଇନାନ୍ସ ଏହାର ରିଟେଲ୍ ପୋର୍ଟଫୋଲିଓକୁ ଦ୍ରୁତ ଗତିରେ ବଢ଼ାଉଛି। ବର୍ତମାନ ଏହାର ୮୦ ପ୍ରତିଶତ କାରବାର ମଟ୍ରୋ ପାଖାପାଖି ତଥା ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରରୁ ଆସୁଥିବା ବେଳେ ୪୦ ପ୍ରତିଶତ ଋଣଗ୍ରହୀତାଙ୍କ ବୟସ ୧୮-୩୪ ବର୍ଷ ମଧ୍ୟର ରହିଛି।

# ତାମିଲନାଡ଼ୁ ମାର୍କେଣ୍ଟାଇଲ୍ ବ୍ୟାଙ୍କ ପକ୍ଷରୁ ସାଲି ଏସ୍ ନାୟାରଙ୍କୁ ନୂଆ ଏମଡି ଓ ସିଇଓ ଭାବେ ନିଯୁକ୍ତି

**ଭୁବନେଶ୍ୱର,୧୯।୮ (ମହାଭାରତ):** ତାମିଲନାଡ ମର୍କେଣ୍ଟାଇଲ ବ୍ୟାଙ୍କ ପକ୍ଷରୁ ଶ୍ରୀ ସାଲି ଏସ ନାୟାରଙ୍କୁ ତିନି ବର୍ଷ ପାଇଁ ଏମଡି ଓ ସିଇଓ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ନିଯୁକ୍ତି ସମ୍ପର୍କରେ ଶ୍ରୀ ସାଲି କହିଛନ୍ତି ଯେ, "ତାମିଲନାଡ ମର୍କେଣ୍ଟାଇଲ୍ ବ୍ୟାଙ୍କ ପାଇଁ ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଏହି ଦାୟିତ୍ୱ ଗ୍ରହଣ କରି ମୁଁ ଗର୍ବ ଅନୁଭବ କରୁଛି। ମୁଁ ବୋର୍ଡ, ପରିଚାଳନା ଟିମ୍ ଏବଂ ସମସ୍ତ କର୍ମଚାରୀଙ୍କ ସହ ମିଶି ମୋର ପୂର୍ବରୁ ଥିବା ଅଧିକାରୀମାନେ ସ୍ଥାପନ କରିଥିବା ମଜବୁତ ଭିତିଭୂମି ନିର୍ମାଣ କରିବାକୁ ଏବଂ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତାକୁ ଆଗକୁ ବଢ଼ାଇବାକୁ ଚାହୁଁଛି।" ଶ୍ରୀ ସାଲିଙ୍କ ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ସେବା ଶିଳ୍ପରେ ୩୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି ଯେଉଁଥିରୁ ବ୍ୟାଙ୍କ୍ ଉପକୃତ ହେବ। ଏହା ପୂର୍ବରୁ ସେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଉପପରିଚାଳନା ନିର୍ଦ୍ଦେଶକ ଏବଂ ଚିଫ କ୍ରେଡିଟ୍ ଅଫିସର ଭାବେ କାର୍ଯ୍ୟ କରିଥିଲେ। ଶ୍ରୀ ସାଲି ଆପ୍ଲାଏଡ୍ ଇଲେକ୍ଟ୍ରୋନିକ୍ସରେ ସ୍ନାତକୋତର କରିଛନ୍ତି। ୧୯୮୭ରେ ଭାରତର ସର୍ବବୃହତ ରାଷ୍ଟ୍ରାୟତ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ପ୍ରୋବେସନରୀ ଅଫିସର (ପିଓ) ଭାବେ ଯୋଗଦେଇ ସେ ନିଜ ବ୍ୟାଙ୍କିଙ୍ଗ କ୍ୟାରିୟର ଆରମ୍ଭ କରିଥିଲେ। ଗତ ୩୫ ବର୍ଷ ମଧ୍ୟରେ ଶ୍ରୀ ସାଲି ରିଲାଏନ୍ସ (ମୁକେଶ ଆମ୍ବାନୀଙ୍କ ଗ୍ରୁପ୍) ଏବଂ ଏସାର ଗ୍ରୁପ୍ ସମେତ ବଡ଼ ବଡ଼ କର୍ପୋରେଟରେ ବିଭିନ୍ନ ଦାୟିତ୍ୱ ତୁଲାଉଛନ୍ତି। ସେ ଏସବିଆଇର ଇଣ୍ଟରନ୍ୟାସନାଲ ବ୍ୟାଙ୍କିଂ ଗ୍ରୁପରେ ଦୁଇଟି ଦାୟିତ୍ୱ ମଧ ପାଇଥିଲେ। ପ୍ରଥମେ ଆମେରିକାର ନ୍ୟୁୟର୍କରେ ଏବଂ ପରେ ସିଡନୀରେ ଥିବା ଅଷ୍ଟ୍ରେଲିଆ ପରିଚାଳନାର ନେତୃତ୍ୱ ନେଉଥିଲେ । ସେ ବ୍ୟାଙ୍କ ପାଇଁ ରାଜସ୍ଥାନ ଏବଂ ପଶ୍ଚିମ ଉତର ପ୍ରଦେଶର ଶାଖା ପରିଚାଳନା କରିବା କାର୍ଯ୍ୟ କରିଛନ୍ତି ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ବିକାନେର ଏବଂ ଜୟପୁରକୁ ଏସବିଆଇ ସହିତ ମିଶ୍ରଣ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। ଚାପଗ୍ରସ୍ତ ସମ୍ପତି ପରିଚାଳନାରେ ଶ୍ରୀ ସାଲିଙ୍କରବ୍ୟାପକ ଅଭିଜ୍ଞତା ରହିଛି। ସେ ୨୦୧୭ ଜୁଲାଇରେ ବ୍ୟାଙ୍କର ଚାପଗ୍ରସ୍ତ ସମ୍ପତି କ୍ଷେତ୍ରରେ ମୁଖ୍ୟ ମହାପ୍ରବନ୍ଧକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ।

# ସିଡିଏସ୍‌ଏଲ୍ ଆଇପିଏଫ୍ ପକ୍ଷରୁ ନିବେଶ ସଚେତନତା

**ଭୁବନେଶ୍ୱର,୧୯।୮ (ମହାଭାରତ):** ସିଡିଏସ୍‌ଏଲ୍ ନିବେଶ ସୁରକ୍ଷା ପାଣ୍ଠି (ଆଇପିଏଫ୍) ପକ୍ଷରୁ ଓଡ଼ିଶାର ଅନୁଗୁଳ ଜିଲ୍ଲାର ପରତରାଠାରେ ଛାତ୍ରଛାତ୍ରୀ ଓ ଫାକଲ୍‌ଟି ସଦସ୍ୟମାନଙ୍କ ପାଇଁ ଏକ ନିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପରତରାର କରାଡ଼ଗାଡ଼ିଆସ୍ଥିତ ସରକାରୀ ପଲିଟେକ୍‌ନିକ୍ କଲେଜରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଆର୍ଥିକ ସାକ୍ଷରତାର ପ୍ରସାର କରିବା ଏବଂ ପୁଞ୍ଜି ବଜାରରେ ନିବେଶ କରିବା ବେଳେ ସୂଚନା ଆଧାରରେ ନିଷ୍ପତି ନେବାରେ ନିବେଶକମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ନିବେଶର ମୂଳ ନୀତି ଉପରେ ଆଲୋଚନା ହୋଇଥିଲା। ଓଡ଼ିଆ ଭାଷାରେ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ଯେଉଁଥିରେ ବକ୍ତାମାନେ ଛାତ୍ରଛାତ୍ରୀ ଓ ଫାକଲ୍‌ଟି ସଦସ୍ୟମାନଙ୍କୁ ସରଳ ନିବେଶ ବିଷୟ ବୁଝାଇଥିଲେ। ନିବେଶର ମୌଳିକ ବିଷୟ ଏବଂ ଡିପୋଜିଟୋରି କିଭଳି କାର୍ଯ୍ୟ କରିଥାଏ ତାହା ସେମାନଙ୍କୁ କୁହାଯାଇଥିଲା।

ପୁଞ୍ଜି ବଜାରରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହାସଲ କରିବାରେ ନିବେଶକ ସଚେତନତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବେଳେ ସିଡିଏସ୍‌ଏଲ ପକ୍ଷରୁ ନିବେଶକମାନଙ୍କୁ ବିଶ୍ୱାସର ସହ ପୁଞ୍ଜି ବଜାରର ଜଟିଳତାକୁ ଅତିକ୍ରମ କରିବା ଏବଂ ଆତ୍ମନିର୍ଭର ନିବେଶକ ହେବା ପାଇଁ ଜ୍ଞାନ ଓ ଦକ୍ଷତା ପ୍ରଦାନ କରୁଛି। ଆର୍ଥିକ ସଚେତନତାର ପ୍ରସାର ପାଇଁ ପ୍ରତିବଦ୍ଧ ଥିବା ସିଡିଏସ୍‌ଏଲ୍ ଆଇପିଏଫ୍ ପକ୍ଷରୁ ଚଳିତ ବର୍ଷ ଦେଶବ୍ୟାପୀ ଅଧିକରୁ ଅଧିକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ଏସବିଆଇ ଜେନେରାଲ ଇନସ୍ୟୁରାନ ତ୍ରୟମାସରେ ୩୨% ଅଭିବୃଦ୍ଧି ହାସଲ

**ଭୁବନେଶ୍ୱର,୧୯।୮ (ମହାଭାରତ):** ଭାରତର ଅନ୍ୟତମ ଅଗ୍ରଣୀ ସାଧାରଣ ବୀମା କମ୍ପାନୀ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ୩୨% ଅଭିବୃଦ୍ଧି ହାସଲ କରିଛି। ଏହି ଅଭିବୃଦ୍ଧି ହାର ବଜାରର ଅଭିବୃଦ୍ଧିଠାରୁ ଯଥେଷ୍ଟ ଅଧିକ ରହିଛି। କମ୍ପାନୀ ୨,୬୦୩ କୋଟି ଟଙ୍କାର ମୋଟ ପ୍ରତ୍ୟକ୍ଷ ପ୍ରିମିୟମ ହାସଲ କରିଛି। ଏହା ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ମଜବୁତ ବଜାର ସ୍ଥିତି ଏବଂ ଅଭିବୃଦ୍ଧିକୁ ସୂଚାଉଛି।

କଂପାନିର ଟିକସ ପୂର୍ବବର୍ତୀ ଲାଭ ୨୪୪ କୋଟି ଟଙ୍କା ରହିଛି ଯାହା ଗତ ଆର୍ଥିକ ବର୍ଷ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସ ତୁଳନାରେ ୧୫୯% ଅଧିକ। ସଲଭେନ୍ସି ଅନୁପାତ ୨.୨୧ ରହିଛି ଯାହା ନିୟାମକ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ। ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ଘରୋଇ ବୀମା କ୍ଷେତ୍ରରେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଘରୋଇ କମ୍ପାନୀମାନଙ୍କ ମଧ୍ୟରେ ଏହା ୫.୪୧% ବଜାର ଅଂଶ ହାସଲ କରିଛି ଯାହା ଗତ ବର୍ଷ ସମାନ ସମୟରେ ୪.୮୨% ଥିଲା। ଆଲୋଚ୍ୟ ସମୟରେ କମ୍ପାନୀର ଅଭିବୃଦ୍ଧି ମୁଖ୍ୟତଃ ଯାନ ବାହାନ, ଅଗ୍ନୀ ସୁରକ୍ଷା, ବ୍ୟକ୍ତିଗତ ବୀମା ପାଇଁ ହୋଇଛି। ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ଏମଡି ଏବଂ ସିଇଓ ଶ୍ରୀ ନବୀନ ଚନ୍ଦ୍ର ଝା କହିଛନ୍ତି ଯେ, "ଆମର ଦୃଢ଼ ବ୍ୟବସାୟିକ ରଣନୀତି ଏବଂ ଗ୍ରାହକ-କେନ୍ଦ୍ରିକ ଆଭିମୁଖ୍ୟ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ୩୨% ଅଭିବୃଦ୍ଧି ହାସଲ କରିଥିବାରୁ ଆମେ ଆନନ୍ଦିତ। ଆମର ଫଳାଫଳ ଅଂଶୀଦାରମାନଙ୍କ ପାଇଁ ସ୍ଥାୟୀ ଏବଂ ଲାଭଜନକ ଅଭିବୃଦ୍ଧି ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଅଭିନବ, ଗ୍ରାହକ-କେନ୍ଦ୍ରୀକ ବୀମା ସମାଧାନ ମାଧ୍ୟମରେ ଆମର ଅଭିବୃଦ୍ଧି ବଜାୟ ରଖିବା ଏବଂ ଆମର ଅଂଶୀଦାରମାନଙ୍କୁ ମୂଲ୍ୟ ପ୍ରଦାନ କରିବାକୁ ଆମେ ଉତ୍ସର୍ଗୀକୃତ ରହିଛୁ । ଅଭିନବତା ଏବଂ ଡିଜିଟାଲ ସମ୍ପ୍ରସାରଣ ପ୍ରତି ଆମର ପ୍ରତିବଦ୍ଧତା ଆମ ଗ୍ରାହକମାନଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବାକୁ ସୁନିଶ୍ଚିତ କରୁଛି। ପ୍ରଥମ ତ୍ରୟମାସରେ ଆମର ଦୃଢ଼ ପ୍ରଦର୍ଶନ ୨୦୨୪-୨୫ ଆର୍ଥିକ ବର୍ଷରେ ନିରନ୍ତର ଅଭିବୃଦ୍ଧିର ମୂଳଦୁଆ ପକାଇଛି।

## ମଙ୍କିପକ୍ସ ଆତଙ୍କ

# ବିମାନବନ୍ଦର ତଥା ସୀମାରେ ସତର୍କ ରହିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ: ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ମଙ୍କିପକ୍ସକୁ ଜନସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ସଜାଗ ରହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦେଶର ସମସ୍ତ ବିମାନବନ୍ଦରକୁ ସତର୍କ ରହିବାକୁ କୁହାଯାଇଛି । ଏହା ସହିତ ବାଂଲାଦେଶ ଏବଂ ପାକିସ୍ତାନ ସୀମାରେ ତଦାରଖ ବୃଦ୍ଧି ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଫ୍ରିକା ବାହାରେ ସ୍ୱିଡେନ ଏବଂ ପାକିସ୍ତାନରେ ମଙ୍କିପକ୍ସ ମାମଲା ଚିହ୍ନଟ ହୋଇଥିବା ରିପୋର୍ଟ କରିଥିବାବେଳେ ଭାରତରେ ମଙ୍କିପକ୍ସର କେଣସି ମାମଲା ରିପୋର୍ଟ ହୋଇନାହିଁ। ତେବେ ସତର୍କତାମୂଳକ ପଦକ୍ଷେପ ଭାବରେ ବାଂଲାଦେଶ ଏବଂ ପାକିସ୍ତାନ ସୀମାରେ ଥିବା ବନ୍ଦରର ଅଧିକାରୀ ତଥା ସମସ୍ତ ବିମାନବନ୍ଦରକୁ ସତର୍କ ରହିବାକୁ କେନ୍ଦ୍ର କହିଛି ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ମଙ୍କିପକ୍ସର ଲକ୍ଷଣ ରିପୋର୍ଟ କରୁଥିବା ଅନ୍ତର୍ଜାତୀୟ ଯାତ୍ରୀଙ୍କ ବିଷୟରେ ସତର୍କ ରହିବାକୁ ଅଧିକାରୀମାନଙ୍କୁ କୁହାଯାଇଛି।





ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ସଚିବ ପି.କେ ମିଶ୍ର ଏକ ଉଚ୍ଚସ୍ତରୀୟ ବୈଠକରେ ଅଧକ୍ଷତା କରିବାର ଗୋଟିଏ ଦିନ ପରେ ଏହି ବିକାଶ ଘଟିଛି। ମଙ୍କିପକ୍ସ ରୋଗୀଙ୍କ ପରିଚାଳନା, ସେମାନଙ୍କର ଆଇସୋଲେସନ ଏବଂ ଚିକିତ୍ସା ପାଇଁ ସରକାର ରାମ ମନୋହର ଲୋହିଆ ହସ୍ପିଟାଲ, ସଫଦରଜଙ୍ଗ ହସ୍ପିଟାଲ ଏବଂ ଲେଡି ହାର୍ଡିଙ୍ଗ ହସ୍ପିଟାଲକୁ ନୋଡାଲ କେନ୍ଦ୍ର ଭାବରେ ଚିହ୍ନଟ କରିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ କେନ୍ଦ୍ର ସମସ୍ତ ରାଜ୍ୟ ସରକାରଙ୍କୁ ମଧ୍ୟ ସେମାନଙ୍କ ଅଧୀନରେ ଥିବା ଏହିପରି ଡାକ୍ତରଖାନାଗୁଡ଼ିକୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛି। ବର୍ତ୍ତମାନର ଆକଳନ ଅନୁଯାୟୀ, ସ୍ଥାୟୀ ସଂକ୍ରମଣ ସହିତ ଏକ ବଡ଼ ଧରଣର ସଂକ୍ରମଣ ଆଶଙ୍କା କମ୍ ବୋଲି ପିଟିଆଇ ଅଧିକାରୀଙ୍କ କହିବାନୁସାରେ ସୂଚନା ପ୍ରଦାନ କରିଛି। ଅଧିକାରୀମାନଙ୍କୁ ନୀରିକ୍ଷଣ ବୃଦ୍ଧି କରିବାକୁ ଏବଂ ମଙ୍କିପକ୍ସ ମାମଲାର ତୁରନ୍ତ ଚିହ୍ନଟ ପାଇଁ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ବର୍ତ୍ତମାନ ଦେଶରେ ୩୨ଟି ଲାବୋରେଟୋରୀ ମଙ୍କିପକ୍ସ ପରୀକ୍ଷା ପାଇଁ ପ୍ରସ୍ତୁତ ରହିଛି। ଏହାର ଶୀଘ୍ର ନିରାକରଣ ପାଇଁ ପରୀକ୍ଷା ଲାବୋରେଟୋରୀଗୁଡିକର ନେଟୱାର୍କ ପ୍ରସ୍ତୁତ କରାଯିବା ଉଚିତ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଗୁରୁବାର ଦିନ ସ୍ୱିଡେନର ଜନସ୍ୱାସ୍ଥ୍ୟ ଏଜେନ୍ସି କହିଥିଲା ଯେ ଏହା କ୍ଲେଡ୍ ,ସବକ୍ଲେଡର ଏକ ମାମଲା ପଞ୍ଜିକୃତ କରିଛି, ଯାହା ଆଫ୍ରିକାରୁ ପ୍ରଥମେ ଚିହ୍ନଟ ହୋଇଥିଲା। ରବିବାର ଦିନ ପାକିସ୍ତାନ ଏକ ଗଲ୍ଫ ଦେଶରୁ ଫେରି ଆସିଥିବା ୩୪ ବର୍ଷ ବୟସ୍କ ବ୍ୟକ୍ତିଙ୍କଠାରେ ମଙ୍କିପକ୍ସର ଏକ ମାମଲା ରିପୋର୍ଟ କରିଛିୟ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଏହି ଭୂତାଣୁକୁ କ୍ଲେଡ୍ ବି ଶ୍ରେଣୀଭୁକ୍ତ କରାଯାଇଛି। ଏହି ମହାମାରୀର କେନ୍ଦ୍ରସ୍ଥଳ ପାଲଟିଥିବା ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋରେ ମାମଲା ବୃଦ୍ଧି ପାଇବାରେ ଲାଗିଛି। ପ୍ରାୟ ୧୬,୦୦୦ମାମଲା ରେକର୍ଡ କରାଯାଇଛି, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ଦେଶରେ ୫୪୮ ଜଣଙ୍କର ମୃତ୍ୟୁ ଘଟିଛି।

## ଜମି ଦୁର୍ନୀତି ବିବାଦ

# କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀଙ୍କୁ 'ହାଇକୋର୍ଟ' ଆଶ୍ୱସ୍ତି

ନୂଆଦିଲ୍ଲୀ: ମହୀଶୂର ନଗର ଉନ୍ନୟନ ପ୍ରାଧିକରଣ (ମୁଦା) ଦ୍ୱାରା ଜମି ଆବଣ୍ଟନ ଦୁର୍ନୀତି ଅଭିଯୋଗ ଘଟଣାରେ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ଆଜି କର୍ଣ୍ଣାଟକା ହାଇକୋର୍ଟ ଟ୍ରାଏଲ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଦ୍ଧରମୈୟାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ଣ୍ଣାଟକା ରାଜ୍ୟପାଳ ଥୱାର ଚାନ୍ଦ ଗେହଲଟ ଶନିବାର ଅନୁମତି ଦେଇଥିଲେ। ଏହା ବିରୋଧ ସେ ହାଇକୋର୍ଟ ଯାଇଥିଲେ। ରାଜ୍ୟପାଳଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଷ୍ପତ୍ତି ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିଯୋଗ କରି ସିଦ୍ଧରମୈୟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ଆସନ୍ତା ୨୯ ତାରିଖ ଯାଏ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ କହିଛନ୍ତି। ଅଗଷ୍ଟ ୨୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ହାଇକୋର୍ଟ କହିଛନ୍ତି ଯେ ଏବେ ମାମଲା କୋର୍ଟରେ ରହିଛି ଓ ଆବେଦନ ଶୁଣାଣି ଶେଷ ହୋଇ



ନାହିଁ। ତେଣୁ ପରବର୍ତ୍ତୀ ଶୁଣାଣି ଯାଏ ଟ୍ରାଏଲ କୋର୍ଟ ନିଜ ଶୁଣାଣିକୁ ସ୍ଥଗିତ ରଖିବେ। ଆବେଦନକାରୀ ଦାଖଲ କରିଥିବା ପିଟିସନରେ ଏକାଧିକ ପଏଣ୍ଟ ଉପସ୍ଥାପନ କରିଛନ୍ତି। ପ୍ରାଥମିକ ଭାବେ ଜଣାପଡ଼ିଛି ଯେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦିଆଯିବା ବେଳେ ନିଜ ମୁଣ୍ଡର ବ୍ୟବହାର କରାଯାଇ ନାହିଁ। ଜୁଲାଇ ୨୬ରେ ଅଭିଯୋଗ ହୋଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତରବରିଆ ଭାବେ ନିର୍ଦ୍ଦେଶ ଦେବା ଭଳି ଜଣାପଡୁଥିବା କୋର୍ଟ କହିଛନ୍ତି। ଶୁଣାଣି ବେଳେ ସିଦ୍ଧରମୈୟାଙ୍କ ଓକିଲ ଅଭିଷେକ ମନୁ ସିଙ୍ଘଭୀ କହିଥିଲେ ଯେ ଯେମିତି କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ତା'ର ନିର୍ଦ୍ଦେଶ ଦିଅନ୍ତୁୟ ରାଜ୍ୟପାଳଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଅନୁମତି କର୍ଣ୍ଣାଟକାର ନିର୍ବାଚିତ ସରକାରଙ୍କୁ ଅସ୍ଥିର କରିବା ପାଇଁ ଚାଲିଥିବା ଉଦ୍ୟମର ଅଂଶବିଶେଷ।୧୨ରୁ ୧୫ଟି ଅଭିଯୋଗ ମଧ୍ୟରୁ ରାଜ୍ୟପାଳ ନିର୍ଦ୍ଦିଷ୍ଟ ଭାବେ ଏହି ଘଟଣାକୁ ବିଚାରକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁମତି ଦେଇଥିବା ସିଙ୍ଘଭୀ ଯୁକ୍ତି ରଖିଥିଲେ। ଏହାକୁ ଶୁଣିବା ପରେ ପରେ କୋର୍ଟ ସିଦ୍ଧରମୈୟାଙ୍କୁ ୨୯ ତାରିଖ ଯାଏ ଆଶ୍ୱସ୍ତି ଦେଇଛନ୍ତି।କର୍ଣ୍ଣାଟକରେ ମହୀଶୂର ନଗର ଉନ୍ନୟନ ପ୍ରାଧିକରଣ (ମୁଦା) ଦ୍ୱାରା ଜମି ଆବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ରହିଛି। ଏହି ଅନିୟମିତତାରୁ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ସ୍ତ୍ରୀ ପାର୍ବତୀ ଫାଇଦା ପାଇଛନ୍ତି। ୨୦୨୧ ମସିହାରେ ମୁଦା ବିକାଶ ପାଇଁ ମହୀଶୂରର କେସାରେ ଗାଁରେ ପାର୍ବତୀଙ୍କର ୩ ଏକର ଜମି ଅଧିଗ୍ରହଣ କରିଥିଲା। ପ୍ରତିବଦଳରେ ତାଙ୍କୁ ଦକ୍ଷିଣ ମହୀଶୂରର ଅଧିକ ଉଚ୍ଚତ ବିଜୟନଗର ଅଞ୍ଚଳରେ ଅନ୍ୟାନ୍ୟ ପ୍ଲଟ୍ ଦିଆଯାଇ ଥିଲା। ବିଜୟନଗର ପ୍ଲଟଗୁଡ଼ିକର ବଜାର ମୂଲ୍ୟ କେସାରେଠାରେ ଥିବା ମୂଳ ଜମି ତୁଳନାରେ ଯଥେଷ୍ଟ ଅଧିକ। ଏନେଇ କର୍ଣ୍ଣାଟକ ଦୁର୍ନୀତି ନିବାରଣ ଓ ପରିବେଶ ଫୋରମର ସଭାପତି ଟିକେ ଆବ୍ରାହମ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ।


## ଜମି ହଡପ ଅଭିଯୋଗ କୁ ପାରାଦୀପ ବନ୍ଦର ପକ୍ଷରୁ ଖଣ୍ଡନ



ପାରାଦୀପ (ବକ୍ଷଳଛଳହଲ) ନିକଟରେ ଜଗତସିଂହପୁର ଜିଲ୍ଲା ର କୁଜଙ୍ଗ ତହସିଲ ଅନ୍ତର୍ଗତ ଭଗିଆ କନ୍ଧା ର ୮ ଏକର ୨୮ ଡ଼ିସିମିଲ ଚାଷ ଜମି କୁ ପାରାଦୀପ ବନ୍ଦର ଦ୍ୱାରା ଚଞ୍ଚକତା କରି ହଡପ କରାଯାଇଥିବା ଅଭିଯୋଗ କୁ ପାରାଦୀପ ବନ୍ଦର ସଚିବ ୟୁ.ଆର.ମୋହନ ରାଜୁ ଖଣ୍ଡନ କରିବା ସହିତ ଏହା ଭିତ୍ତିହୀନ ବୋଲି କହିଛନ୍ତି । ଏହି ପରିପ୍ରେକ୍ଷୀରେ ସୋମବାର ଦିନ ଶ୍ରୀ ରାଜୁ ସୂଚନା ଦେଇଥିଲେ ଯେ ୧୯୬୬ ମସିହାରେ ରାଜ୍ୟ ସରକାର ପାରାଦୀପ ବନ୍ଦର ପ୍ରକଳ୍ପ ପାଇଁ ୬୨୮୫.୫୪ ଏକର ଜମି ଅଧିଗ୍ରହଣ କରି ରାଜପତ୍ର ବିଜ୍ଞପ୍ତିରେ କେନ୍ଦ୍ର ସରକାର ଙ୍କୁ ହସ୍ତାନ୍ତର କରିଥିଲେ ଏବଂ ଏହା ୬୦ ବର୍ଷ ହେଲା ବନ୍ଦର ଦଖଲରେ ରହିଛି । ଏବାବଦରେ କିଛି ବ୍ୟକ୍ତି ଜଗତସିଂହପୁର ସିଭିଲ ଜଜ କୋର୍ଟ ଏବଂ କୁଜଙ୍ଗ ଅତିରିକ୍ତ ଜିଲ୍ଲା ଜଜ କୋର୍ଟ ରେ ୮ ଏକର ୨୮ ଡ଼ିସିମିଲ ଜମି ରେ ନିଜ ଅକ୍ତିଆର କୁ ନେଇ କେସ କରିଥିଲେ କ୍ଷ ତେବେ ସମସ୍ତ ପ୍ରମାଣ ପତ୍ର ଯାଞ୍ଚ କରି ସମ୍ପୃକ୍ତ କୋର୍ଟ ଏବଂ ହାଇକୋର୍ଟ ପାରାଦୀପ ବନ୍ଦର ସପକ୍ଷରେ ରାୟ ପ୍ରଦାନ କରିଥିବା ନେଇ ସୂଚନା ଦେବା ସହ ଏହାର ସମସ୍ତ କାଗଜପତ୍ର ଆମ ପାଖରେ ରହିଛି ବୋଲି କହିଥିଲେ । ବନ୍ଦର ହେଉଛି କେନ୍ଦ୍ର ସରକାର ଙ୍କ ଅଧିନସ୍ଥ ଏକ ସଂସ୍ଥା ତେଣୁ ଏଠାରେ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ରହିଥାଏ ବୋଲି କହିଥିଲେ ସଚିବ ଶ୍ରୀ ରାଜୁ ।

## ଡାକ୍ତରଙ୍କୁ ଦୁଷ୍କର୍ମ ହତ୍ୟା ପ୍ରତିବାଦରେ ହିନ୍ଦୋଳ ମେଡିକାଲରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା

ହିନ୍ଦୋଳ(ମହାଭାରତ)କୋଲକାତାର ସରକାରୀ ଡାକ୍ତରଖାନାରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ପ୍ରତିବାଦରେ ସାରା ରାଜ୍ୟରେ ଡାକ୍ତରମାନେ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହି ପରିପେକ୍ଷୀରେ ପ୍ରତିବାଦ ସ୍ୱରୂପ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାର ଡାକ୍ତର, ନର୍ସ ଓ କର୍ମଚାରୀମାନେ ଆଜି ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା କରି ନିରବ ଶୋଭାଯାତ୍ରା କରିବା ସହ ମୃତ ଡାକ୍ତରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ନ୍ୟାୟ ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି।



କରିବା ସହ ଦେଶ ସାରା ଡାକ୍ତର ସମାଜର ସୁରକ୍ଷା ପାଇଁ ଆହ୍ୱାନ ସୃଷ୍ଟି କରିଛି ଏବଂ ଦେଶସାରା ଡାକ୍ତର ମାନେ ଦୋଷୀକୁ ଉପଯୁକ୍ତ ନ୍ୟାୟପାଇଁ ରାଜରାସ୍ତାକୁ ଆସିଛନ୍ତି।

ଉଲ୍ଲେଖ ଯୋଗ୍ୟ ଯେ କିଛି ଦିନତଳେ ଦୁର୍ବୃତମାନେ ପଶ୍ଚିମବଙ୍ଗ କୋଲକାତାର ଜୈନିକ। ମହିଳା ଡାକ୍ତରଙ୍କୁ କର୍ତ୍ତବ୍ୟ ପାଳନ ସମୟରେ ଦୁଷ୍କର୍ମ କରି ହତ୍ୟା କରିଥିଲେ ଯାହାକି ସମଗ୍ର ଦେଶରେ ଆଲୋଡନ ସୃଷ୍ଟି ଦେଶରେ ଦିନକୁ ଦିନ ଡାକ୍ତର ଏବଂ ଚିକିତ୍ସା କ୍ଷେତ୍ରରେ କର୍ତ୍ତବ୍ୟ ପାଳନ କରୁଥିବା କର୍ମଚାରୀଙ୍କ ପ୍ରତି ବଢୁଥିବା ଅନ୍ୟାୟ ଅତ୍ୟାଚର ଚିନ୍ତାର କାରଣ ପାଲଟିଛି।ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ସୁରକ୍ଷା ଅପରିହାର୍ଯ୍ୟ ହୋଇପଡିଥିବା ବେଳେ ମହିଳା ଡାକ୍ତରଙ୍କ ହତ୍ୟା ପ୍ରତିବାଦକୁ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାର ସମସ୍ତ କର୍ତ୍ତବ୍ୟରତ କର୍ମଚାରୀ ସମର୍ଥନ ଜଣାଇ ଆଜି ନିରବ କ୍ୟାଣ୍ଡେଲ ଶୋଭାଯାତ୍ରା କରିବା ସହ ନ୍ୟାୟପାଇଁ ଦାବି କରିଛନ୍ତି। ଆଜିର ଏହି ନ୍ୟାୟ ଶୋଭାଯାତ୍ରାକୁ ହିନ୍ଦୋଳ ଉପଖଣ୍ଡର ବୁଦ୍ଧିଜୀବୀ ସର୍ବସାଧାରଣ ସମର୍ଥନ ଜଣାଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ମୃତ ଡାକ୍ତରଙ୍କ ପାଇଁ ସରକାର ଓ ନ୍ୟାୟପାଳିକାଙ୍କ ଠାରୁ ନ୍ୟାୟ ଚାହିଁଛନ୍ତ।

## ଉଚ୍ଚ ନ୍ୟାୟାଳୟର ବିଚାରପତି ଙ୍କ ନୀଳମାଧବ ଓ ରାମ ମନ୍ଦିର ପରିଦର୍ଶନ



ନୟାଗଡ଼, ( ମହାଭାରତ ) : ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଏବଂ ତାଙ୍କ ସହ ସ୍ତ୍ରୀ ଦିନିକିଆ ନୟାଗଡ଼ ଜିଲ୍ଲା ଗସ୍ତ କରି ଖଣ୍ଡପଡ଼ା ର କଣ୍ଟିଲୋ ନୀଳମାଧବ ମନ୍ଦିର ଓ ଭାପୁର ଫତେଗଡ ର ଶ୍ରୀ ରାମ ମନ୍ଦିର ପରିଦର୍ଶନ କରିଛନ୍ତି। ନୀଳମାଧବଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ଏଥିସହିତ ନୀଳମାଧବ ମନ୍ଦିର ପରିସର ରେ ରହିଥିବା ମହାବୀର ହନୁମାନ ମନ୍ଦିର ସହ ମା' ଲକ୍ଷ୍ମୀ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି ସେୟ ମନ୍ଦିର ପରିଦର୍ଶନ ସମୟରେ ଖଣ୍ଡପଡ଼ା ତହସିଲଦାର ଅଭିଜିତ ଷଡ଼ଙ୍ଗୀ ଓ ଖଣ୍ଡପଡ଼ା ସବ୍-ଜଜ୍ ବିଭୂତି ଭୂଷଣ ନାୟକ ଉପସ୍ଥିତ ଥିଲେ। କଣ୍ଟିଲୋ ନୀଳମାଧବ ପୂଜକ ସମାଜ ପକ୍ଷରୁ ବିଚାରପତି ଦମ୍ପତିଙ୍କୁ ଅଭ୍ୟର୍ଥନା ପରେ ନୀଳମାଧବଙ୍କ ଫଟୋଚିତ୍ର ଉପହାର ଦିଆଯାଇଥିଲା। ଏହା ପରେ ସେ ଭାପୁର ବ୍ଲକ୍ ଫତେଗଡ଼ ଗାଁ ଗିରି ଗୋବର୍ଦ୍ଧନ ପାହାଡ଼ରେ ପ୍ରତିଷ୍ଠିତ ଶ୍ରୀରାମ ମନ୍ଦିର ପରିଦର୍ଶନ କରିଥିଲେ। ସେଠାରେ ଭାପୁର କୋର୍ଟର ବିଚାରପତି ଲଳିତା ପାତ୍ର ତାଙ୍କୁ ସ୍ୱାଗତ କରିବା ସହ ମନ୍ଦିରକୁ ପାଛୋଟି ନେଇଥିଲେ। ମନ୍ଦିରରେ ଦର୍ଶନ କରିବା ପରେ ସେଠାରେ ପ୍ରସାଦ ସେବନ କରିଥିଲେ। ପରେ ମନ୍ଦିର ପୂଜକଙ୍କ ସହିତ ମନ୍ଦିର ସମ୍ବନ୍ଧୀୟ ଆଲୋଚନା କରିଥିଲେ। ଏହା ସହ ସେ ମନ୍ଦିରର କାରୁକାର୍ଯ୍ୟ ବୁଲି ଦେଖିଥିଲେ। ଏହି ସମୟରେ ଭାପୁର ଅତିରିକ୍ତ ତହସିଲଦାର ପଙ୍କଜ ଭାସିନୀ ଭଞ୍ଜ ଏବଂ ଫତେଗଡ଼ ଥାନା ଏସ୍‌ଆଇ ଅରୂପ ନାୟକଙ୍କ ସମେତ ଭାପୁର କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ୱର୍ଗତ ଜଗଦୀଶ ଦାଶଙ୍କ ସ୍ମୃତି ସଭା

କଣ୍ଟାପଡ଼ା (ମହାଭାରତ):ସ୍ୱର୍ଗତ ଜଗଦୀଶ ଦାଶ (ଇଶ ପଣ୍ଡିତେ) ସ୍ମୃତି ସଂସଦ ପକ୍ଷରୁ ପ୍ରତିଷ୍ଠାତା ଶ୍ରୀମତୀ ସରୋଜିନୀ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ କଣ୍ଟାପଡ଼ା ବ୍ଲକ ସୁନ୍ଦରଗ୍ରାମରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱର୍ଗତ ଜଗଦୀଶ ଦାଶ (ଇଶ ପଣ୍ଡିତେ) ପୁଣ୍ୟ ତିଥି ଅବସରରେ ଏକ ଭବ୍ୟପୂର୍ଣ୍ଣ ସ୍ମୃତି ସଭା ଅନୁଷ୍ଠିତ ହୋଯାଇଅଛି। ଏହି ସ୍ମୃତି ସଭାରେ ସୁନ୍ଦରଗ୍ରାମ ସରକାରୀ ବାଳିକା ବିଦ୍ୟାଳୟ ର ମେଧାବୀ ଛାତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଇଂ.ସନ୍ୟାସୀଜୀ, ବିଶ୍ୱରଂଜନ ଦାଶ ମୁଖ୍ୟ ବକ୍ତା ଭାବେ ତଥା ସମ୍ମାନୀୟ ଅତିଥି ସୁରେନ୍ଦ୍ର ନାଥ ଛୋଟରାୟ, ଅଶ୍ୱିନୀ କୁମାର ମହାପାତ୍ର, ଅରୁଣବାଳା ସ୍ୱାଇଁ,ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର ରାଉତରାୟ, ନନ୍ଦ କିଶୋର ଦାଶ,ରାମ ପ୍ରସାଦ ମହାନ୍ତି, ଆର୍ତ୍ତରଞ୍ଜନ ମହାନ୍ତି, ମଧୁସୂଦନ ମହାନ୍ତି ବିଦ୍ୟାଳୟର ଓ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଜୟଶ୍ରୀ ସ୍ୱାଇଁ ମଞ୍ଚାସିନ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ନବମ ଶ୍ରେଣୀର ୩ ଜଣ ମେଧାବୀ ଛାତ୍ରୀ ସୁଶ୍ରୀ ସୁନୟନା ନନ୍ଦ, ସୁହାନି ସାହୁ ଏବଂ ସୋନାଲି ବେହେରାଙ୍କୁ ମେଧାବୃତ୍ତି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ ଥର ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଓ.ଏଫ.ଏସ୍ ଅଧିକାରୀ ଗୁରୁ ପ୍ରସାଦ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଦ୍ୟାଳୟର ଦଶମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଅଙ୍କିତା ପ୍ରିୟଦର୍ଶନୀ ମିଶ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିବଲାଭ ଷଡଙ୍ଗୀ , ପ୍ରଭାତ କୁମାର ଆଚାର୍ଯ୍ୟ, ସ୍ୱର୍ଗତ ଗୁରୁ ପ୍ରସାଦ ମହାନ୍ତିଙ୍କ ପତ୍ନୀ ଭାଗ୍ୟ ଲକ୍ଷ୍ମୀ ମହାନ୍ତି, ରବିନାରାୟଣ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଆରତୀ ପଣ୍ଡା, ବରଦା ପ୍ରସନ୍ନ ମହାନ୍ତି, କୈଳାସ ମହାନ୍ତି, ଉଲ୍ଲାସ ଚନ୍ଦ୍ର ମହାନ୍ତି, ବରଦା ପ୍ରସନ୍ନ ମହାନ୍ତି, ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ,ବାଗଲପୁର ପଞ୍ଚାୟତ ମହାସଂଘ ର ସି ଆର୍ ପି , ଏମ ବି କେ, ପ୍ରାଣୀ ମିତ୍ର, କୃଷି ମିତ୍ର ଓ ଅଞ୍ଚଳ ବହୁ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ ୟ କାର୍ଯ୍ୟକ୍ରମ ସଭାର ଶେଷରେ ଇଶ ପଣ୍ଡିତ ଙ୍କ ପୁତ୍ର ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହେଲେ ଆସିକାର ଅନୁରାଗ ମାଇକେଲ

ଆସିକା (ମହାଭାରତ): ଆସିକାର ଜଣେ ଯୁବ ପ୍ରତିଭା କୁ ଓଡିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରିଛନ୍ତି । ସର୍ବ ଭାରତୀୟ ସ୍ତରରେ ଥ୍ରୀ ଡି ଏନିମେଶନ ପାଠକ୍ରମରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ଅନୁରାଗ ୨୦୨୪ ଶିକ୍ଷା ବର୍ଷ ରେ ବ୍ରହ୍ମପୁର ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରୁ କୃତ କାର୍ଯ୍ୟ ହୋଇଛନ୍ତି । ପ୍ରକାଶ ଥାଉକି ଏଥି ପୂର୍ବରୁ ସେ ୧୨/୧୦/୨୦୨୩ ମସିହାରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଠାରୁ ମଧ୍ୟ ପୁରସ୍କୃତ ହୋଇସାରିଛନ୍ତି । ଅନୁରାଗ ଆସିକା ଚର୍ଚ୍ଚର ମୁଖ୍ୟ ତଥା ଅସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ କୁଇନ ଭିକ୍ଟୋରିଆ ଙ୍କ ନାତି ତଥା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୦୪ ର ବାସିନ୍ଦା ମନୋଜ ଦୋରା ଏବଂ ଭାରତୀ ମାଇକେଲ ଙ୍କ ପୁତ୍ର ଅଟନ୍ତି କ୍ଷଅନୁରାଗ ମାଇକେଲ ଚଳିତ ବର୍ଷ ବ୍ରହ୍ମପୁର ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ରେ ଅଧ୍ୟୟନ କରି ଏଡିଟିଙ୍ଗ ମେନୁଫେକଚରିଙ୍ଗ ଟେକନିସିଆନର ଥ୍ରୀ ଡି କାର୍ଯ୍ୟରେ ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠତା ଅର୍ଜନ କରିଛନ୍ତି । ଚଳିତ ବର୍ଷ ୭୮ ତମ ସ୍ୱାଧୀନତା ଦିବସରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ଅନୁରାଗ ର ଏହି ସଫଳତା ପଛରେ ଆଇ ଟି ଆଇ ର ଅଧକ୍ଷ ରଜତ ପାଣିଗ୍ରାହୀ, ଶିକ୍ଷକ ନରସିଂହ ବିଶୋଇ, ଜଗନ୍ନାଥ ସାର ଏବଂ ତାଙ୍କର ପିତା ମାତା, ମାମୁଁ ଜୀବନ କୁମାର ପାଣି, ଦାଦା ତନୁଜ କୁମାର ଦୋରା, କଲ୍ୟାଣୀ ମାଇକେଲ ମାନଙ୍କ ଆଶ୍ରିବାଦ ଯୋଗୁଁ ଏଭଳି ସ୍ତରରେ ପହଂଚି ପାରିଛି ବୋଲି ଅନୁରାଗ ପ୍ରକାଶ କରିଛନ୍ତି ।

# ନିଶା କାରବାର ପେଣ୍ଟସ୍ଥଳ ବାଲୁଗାଁ ସହର

## ବଢୁଚି ହତ୍ୟା,ଚୋରୀ,ରାହାଜାନୀ,ଡକାୟତ

ଚିଲିକା (ମାହାଭାରତ) ବାଲୁଗାଁ ସହର ହେଉଚି ଖୋର୍ଦ୍ଧାଜିଲ୍ଲାର ଶେଷ ସୀମାନ୍ତ ଏବଂ ଗଞ୍ଜାମ ଜିଲ୍ଲାର ଆରମ୍ଭ ସୀମା। ବାଲୁଗାଁ ସହରରେ ଅନେକ ପର୍ଯ୍ୟଟନ ସ୍ଥାନ ରହିଥିବାବେଳେ ଏସିଆର ସର୍ବ ବୃହତ ଲୁଣାହ୍ରଦ ଚିଲିକା ରହିଚି ଯାହା ଫଳରେ ଅନେକ ଦେଶୀ ବିଦେଶୀ ପର୍ଯ୍ୟଟକ ଆସନ୍ତି ତା ସହିତ ଦେଖିବାକୁଗଲେ ବାଲୁଗାଁ ମାଛ କଙ୍କଡା ଚିଙ୍ଗୁଡି ରପ୍ତାନୀର ମୂଖ୍ୟ ପେଣ୍ଟସ୍ଥଳ। ଏଇଥିପାଇଁ ବାଲୁଗାଁ ସହରକୁ ପ୍ରତିଦିନ ହଜାର ହଜାର ଲୋକଙ୍କ ଗମନା ଗମନ ହୋଇଥାଏ। ଏହାର ଫାଇଦା ଉଠାଇବା ପାଇଁ ହଜାର ହଜାର ଲୋକଙ୍କ ମଧ୍ୟରେ ଡକାୟତ,ଲୁଟେରା,ଖୁନି ଆସାମୀ,ଗଞ୍ଜେଇ,ବ୍ରାଉନସୁଗାର,ଚୋରାମଦ ବେପାରୀଙ୍କ ଭଳି ଆସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ବ୍ୟକ୍ତିଙ୍କ ଆଗମନ ହୋଇଥାଏ। ଏଭଳି ଅସାମାଜିକ ବ୍ୟକ୍ତିଙ୍କଠାରୁ ମୋଟା ଅଙ୍କର ଟଙ୍କା ରୋଜଗାର ପାଇଁ କିଛି ଡକାୟତ ଭଦ୍ରବ୍ୟକ୍ତି ଉକ୍ତ ଖଳ ପ୍ରକୃତିର ଲୋକଙ୍କୁ ନିଜଘରେ ଭଡା ଦେଇ ଆରମ୍ଭ କରିଦିଅନ୍ତି ଆସାମାଜିକ କାର୍ଯ୍ୟକଳାପ, ଯାହାଫଳରେ ଆରମ୍ଭ ହୁଏ ହତ୍ୟା, ଚୋରୀ,ରାହାଜାନୀ,ଡକାୟତ। ବାଲୁଗାଁ ଅଞ୍ଚଳରେ ଅନେକ ବଡ ବଡ ପୋଲିସି ଅଧିକାରୀ ସାଙ୍ଗକୁ ବଡ ବଡ ପ୍ରଶାସକ ଅଧିକାରୀମାନେ ରୁହନ୍ତି, କିନ୍ତୁ କଥା ଉଠୁଛି ଯେ ବଡ ବଡ ଅଧିକାରୀମାନେ ଏ ସବୁ ବିଷୟରେ ଅବଗତ ଅଛନ୍ତି ନା ଅବଗତ ଥାଇ ନଥିଲା ଭଳି ଅଭିନୟ କରୁଛନ୍ତି ତାହା ବର୍ତ୍ତମାନ ସନ୍ଦେହ ଘେରରେ। ସନ୍ଧ୍ୟା ହେବା କ୍ଷଣି ବାଲୁଗାଁ ଚିଲିକା କୂଳ ନିକଟସ୍ଥ କାଳିଜାଇ ମୋଟର ବୋଟ୍ ଆସୋସିଏସନ୍ ଛକରୁ କଲେଜ ରୋଡ୍ ବାମକୁ ଯାଇ ମାୟା ନଗରୀ ଏବଂ ଡାହାଣକୁ ଯାଇ କଳିଜୁଗେଶ୍ୱର ପାହାଡ ପର୍ଯ୍ୟନ୍ତ ଆରମ୍ଭ ହେ।ଇଯ। ଏ ଗଞ୍ଜେଇ,ବ୍ରାଉନସୁଗାର,ଚୋରାମଦ ବେପାରୀଙ୍କ ସହ ଜିଲ୍ଲା ପାର ଆସାମୀମାନଙ୍କ ଚଳ ପ୍ରଚଳ। ଏହିମାନଙ୍କୁ କିଛି ସ୍ଥାନୀୟ ଖଳ ପ୍ରକୃତିର ଲୋକ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ଏ ସବୁ ଅନୈତିକ କାର୍ଯ୍ୟକଳାପକୁ ରୋକିବା ପାଇଁ ପୋଲିସି ଭ୍ୟାନ୍ ପଇଁତରା ନାମକୁ ମାତ୍ର। ଉକ୍ତ ସ୍ଥାନକୁ ପୋଲିସି ଭ୍ୟାନ୍ ଯେତେବେଳେ ଆସେ ଠିକ୍ ସେତିକିବେଳେ ହାତକୁ ଝଡାଝଡି କରି ଭଦ୍ରଲୋକଭଳି ଛୁ ମାରିଥାଆନ୍ତି ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ବ୍ୟକ୍ତମାନେ। ଫଳରେ ମାତ୍ରାଧିକ ନିଶା ସେବନ ଏବଂ ଜିଲ୍ଲାପାର୍ ଆସମୀମାନଙ୍କ ଚଳପ୍ରଚଳ ସ୍ଥାନୀୟ ପୋଲିସି ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ପରିବେଶ ଅଶାନ୍ତ ରହୁଥିବା ଦେଖିବାକୁ ମଳିଛି। ଚିଲିକାକୂଳ ନିକଟସ୍ଥ ଅନେକ ଝୁପୁଡି ଘର ମାଲିକ ଘର ଉପରେ ଖଣ୍ଡେ ଖଣ୍ଡେ ଆଜବେଷ୍ଟ୍ ପକେଇ ମୋଟା ଅଙ୍କର ଟଙ୍କା କମେଇ ଅପରାଧିମାନଙ୍କୁ ଦେଇଥାଆନ୍ତି ସ୍ଥାନ। ଏ ସବୁ ଅପରାଧ ଜନିତ ବିଷୟରେ ସ୍ଥାନୀୟ ପୋଲିସି ପାଖରେ ଖବର ଅଛି କି ନାହିଁ ତାହା ବର୍ତ୍ତମାନ ଚିନ୍ତାର ବିଷୟ। ଆଗାମୀ ଦିନରେ ବାଲୁଗାଁ ପୋଲିସି ଏ ସବୁ ଅପରାଧ ଜନିତ ଘଟଣାରେ କେବେ ତତ୍ପର ହେଉଛି ଏବଂ କି ପ୍ରକାର କାର୍ଯ୍ୟନୁଷ୍ଠାନ ଗ୍ରହଣ କରି ଅପରାଧ ନିୟନ୍ତ୍ରଣ କରୁଛି ତାହା ଦେଖିବା ବାକି ରହିଲା।

# କୁସ୍ତି ଆଖଡ଼ାକୁ ଫେରିବାର ସଙ୍କେତ ଦେଲେ ଭିନେଶ



**ଚଣ୍ଡିଗଡ,୧୯।୮(ଏଜେନ୍ସି):** ପ୍ୟାରିସ୍ ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷିତ ହୋଇ ପଦକ ଜିତିବାରୁ ବଞ୍ଚିତ ହେବାର ଦୁଃଖ ଓ ଯନ୍ତ୍ରଣାରେ କୁସ୍ତିରୁ ସବୁଦିନ ପାଇଁ ସନ୍ନ୍ୟାସ ଘୋଷଣା କରିଥିଲେ ଭିନେଶ ଫୋଗଟ। ଭାରତ ଫେରିବା ପରେ ପାଇଥିବା ଭଲପାଇବା ଓ ସମ୍ମାନ ପାଇଁ କିନ୍ତୁ ସେ ନିଜ ନିଷ୍ପତ୍ତି ବଦଳାଇବାକୁ ଚିନ୍ତା କରୁଛନ୍ତି।ଏହାର ସଙ୍କେତ ବି ଦେଇଛନ୍ତି। ସେହିଭଳି ପ୍ୟାରିସ୍‌ରେ ହୁଏତ ତାଙ୍କ ହୃଦୟ ଭାଙ୍ଗିଥାଏ, ହେଲେ ମନୋବଳ ଅକ୍ଷୁଣ୍ଣ ରହିଛି ବୋଲି ଏକ ସାକ୍ଷାତକାର ଅବସରରେ କହିଛନ୍ତି ସେ।

ଭାରତୀୟ ରେସଲର ଦୁଃଖ ଦେଖି ହରିୟାଣାର ଖାପ୍ ପଞ୍ଚାୟତ ତାଙ୍କୁ ସ୍ୱର୍ଣ୍ଣ ପଦକରେ ସମ୍ମାନିତ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଭିନେଶ ପ୍ୟାରିସରୁ ତାଙ୍କ ଗାଁ ବଲାଲିରେ ପହଞ୍ଚିବା ମାତ୍ରେ ତାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ମୁଁ କହିବାକୁ ଚାହେଁ ଯେ ଅଲିମ୍ପିକ୍ସ ପଦକ ହାତଛଡ଼ା କରିବା ମୋ ଜୀବନର ସବୁଠୁ ବଡ଼ ଦୁଃଖଦ ଅଧ୍ୟାୟ। ହେଲେ ସ୍ୱଦେଶ ଫେରିବା ପରେ ସାଥୀ ଖେଳାଳି, ବନ୍ଧୁବର୍ଗ ଓ ପରିବାର ସଦସ୍ୟଙ୍କଠାରୁ ପାଇଥିବା ଭଲପାଇବା ଏହି ଦୁଃଖକୁ କିଛିଟା ଦୂର କରିବା ଲାଗି ମୋତେ ସାହସ ଯୋଗାଇବ ବୋଲି ଭାବୁଛି। ହୁଏତ ମୁଁ କୁସ୍ତିକୁ ପୁନଃ ପ୍ରତ୍ୟାବର୍ତ୍ତନ କରିପାରେ ବୋଲି ଏହି ଅବସରରେ ଭିନେଶ ମତ ରଖିଥିଲେ। ଏହା ପୂର୍ବରୁ ଭିନେଶଙ୍କ ବଡ଼ବାପା ତଥା ପ୍ରତିଷ୍ଠିତ କୁସ୍ତି ପ୍ରଶିକ୍ଷକ ମହାବୀର ଫୋଗଟ, ଅଲିମ୍ପିଆନ୍ ବଜରଙ୍ଗ ପୁନିଆ, ସାକ୍ଷୀ ମଲ୍ଲିକ ପ୍ରମୁଖ ଅବସର ନିଷ୍ପତ୍ତି ବଦଳାଇବାକୁ ଭିନେଶଙ୍କୁ ଆହ୍ୱାନ କରି ସାରିଛନ୍ତି। ଭିନେଶ ଆହୁରି କହିଥିଲେ ଯେ ମୁଁ ମୋ ହୃଦୟର ଗଭୀରତମ କୋଣରୁ ଚାହେଁ ଯେ ମୋ ଗାଁର ଜଣେ ଝିଅ ମୋ ସଫଳତା ଧାରାକୁ ଆଗେଇ ନେଇ ମୋ ରେକର୍ଡ ଭାଙ୍ଗୁଛି।ମୁଁ ଯଦି ମୋ ଗାଁରେ କୁସ୍ତି ପାଇଁ କିଛି କରିପାରିଲି, ତାହେଲେ ଏହାଠାରୁ ଆଉ ଖୁସିର କଥା ମୋ ପାଇଁ କିଛି ହୋଇନପାରେ।

# ୱେଷ୍ଟଇଣ୍ଡିଜ୍‌କୁ ୧-୦ରେ ହରାଇଲା ଦକ୍ଷିଣ ଆଫ୍ରିକା




ପ୍ରୋଭିଡେନ୍ସ,୧୯।୮(ଏଜେନ୍ସି): ପ୍ରୋଭିଡେନ୍ସ ଟେଷ୍ଟ୍‌କୁ ଦକ୍ଷିଣ ଆଫ୍ରିକା ଉତ୍କଣ୍ଠାପୂର୍ଣ୍ଣ ଭାବେ ୪୦ ରନ୍‌ରେ ଜିତି ନେଇଛି। ଫଳରେ ଦୁଇ ଟିକିଆ ଟେଷ୍ଟ୍ ଶୃଙ୍ଖଳାରେ ୧-୦ରେ ବିଜୟୀ ହୋଇଛି। ପ୍ରଥମ ଟେଷ୍ଟ୍ ଅମୀମାଂସିତ ରହିବା ପରେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ୍‌ରେ ଉଭୟ ଦଳ ପାଇଁ ସୁଯୋଗ ରହିଥିଲା। ଶନିବାର ତୃତୀୟ ଦିନ ମଧ୍ୟାହ୍ନ ଭୋଜନ ସୁଦ୍ଧା ଘରୋଇ ଇଣ୍ଡିଜ୍ ମଧ୍ୟ ଅପେକ୍ଷାକୃତ ଦୃଢ଼ ସ୍ଥିତିରେ ରହିଥିଲା। ତେବେ ଦ୍ୱିତୀୟ ଅଧିବେଶନରେ ୫ଟି ଓ୍ୱିକେଟ୍ ଝାଡ଼ି ଦକ୍ଷିଣ ଆଫ୍ରିକା ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇ ଯାଇଥିଲା। ୨୬୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ୱେଷ୍ଟଇଣ୍ଡିଜ୍ ମାତ୍ର ୧୦୪ ରନ୍‌ରେ ୬ ଓ୍ୱିକେଟ୍ ହରାଇ ଶୋଚନୀୟ ପରାଜୟ ଆଡ଼କୁ ଅଗ୍ରସର ହୋଇଥିଲା ତେବେ ସପ୍ତମ ଓ୍ୱିକେଟ୍‌ରେ ଜୋସୁଆ ଡି ସିଲଭା ଓ ଗୁଡକେଶ୍ ମୋତି ୭୭ ରନ୍ ଯୋଡ଼ି କିଛିଟା ପ୍ରତିରୋଧ କରିଥିଲେ। ତେବେ ଗୁଡ଼କେଶଙ୍କୁ ଅର୍ଦ୍ଧଶତକର ୫ ରନ୍ ପୂର୍ବରୁ ଆଉଟ୍ କରି ଦକ୍ଷିଣ ଆଫ୍ରିକା ତୃତୀୟ ଦିନ ଖେଳ ଶେଷ ହେବାର ମାତ୍ର କିଛି ମିନିଟ୍ ପୂର୍ବରୁ ମ୍ୟାଚ୍ ଓ ଶୃଙ୍ଖଳା ଜିତି ନେଇଥିଲା। ଅଲରାଉଣ୍ଡ୍ ପ୍ରଦର୍ଶନ ପାଇଁ ଦକ୍ଷିଣ ଆଫ୍ରିକାର ଯୁବ ତାରକା ଓ୍ୱିଅନ୍ ମଲଡର (୪/୩୨ ଏବଂ ୩୪, ୨/୩୫) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଏବଂ ସ୍ପିନର କେଶବ ମହାରାଜ (୧୩ ଓ୍ୱିକେଟ୍) ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର୍: ଦକ୍ଷିଣ ଆଫ୍ରିକା ପ୍ରଥମ ପାଳି ୧୬୦ ୱେଷ୍ଟଇଣ୍ଡିଜ୍ ପ୍ରଥମ ପାଳି ୧୪୪ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳି ୮୦.୪ ଓଭରରେ ୨୪୬ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ପାଳି ୬୬.୨ ଓଭରରେ ୨୨୨ (ଗୁଡ଼କେଶ ମୋତି ୪୫, କଭେମ୍ ହଜ୍ ୨୯, କେଶବ ମହାରାଜ ୩/୩୭, କାଗିସୋ ରବାଡ଼ା ୩/୫୦।

# ଏନ୍‌ସିଏରେ ଲକ୍ଷ୍ମଣଙ୍କ କାର୍ଯ୍ୟକାଳ ବୃଦ୍ଧି




ସେ ଗତ ୩ ବର୍ଷ ଧରି ଏନ୍‌ସିଏର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି ତାଙ୍କ କାର୍ଯ୍ୟକାଳ ସମୟରେ ଖେଳାଳିଙ୍କ ଫିଟ୍ନେସ୍ ଓ ଚିକିତ୍ସାକୁ ପ୍ରାଥମିକତା ଦିଆଯାଇଛି। ଆହତ ଖେଳାଳିଙ୍କୁ ସମ୍ପୂର୍ଣ୍ଣ ଫିଟ୍ ହେବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଏନସିଏ ବହନ କରିଛି।ଘରୋଇ ଖେଳାଳିଙ୍କ ଉପରେ ମଧ୍ୟ ଯଥେଷ୍ଟ ଧ୍ୟାନ ଦିଆଯାଇଛି। ବେଙ୍ଗାଲୁରୁରେ ଏନସିଏର ନୂଆ ଗ୍ରାଉଣ୍ଡ୍ ଓ କାର୍ଯ୍ୟାଳୟ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି।

ନୂଆଦିଲ୍ଲୀ,୧୯।୦୮: ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ର ନିର୍ଦ୍ଦେଶକ ଦାୟିତ୍ୱରେ ରହିଥିବା ଭିଭିଏସ୍ ଲକ୍ଷ୍ମଣଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯିବ। ଆସନ୍ତା ମାସରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ ମାତ୍ର ବିସିସିଆଇ ଅନୁରୋଧ କ୍ରମେ ସେ ଆଉ ବର୍ଷକ ପାଇଁ ପୂର୍ବ ଦାୟିତ୍ୱ ତୁଲାଇବାକୁ ରାଜି ହୋଇଛନ୍ତି। ତେଣୁ ଲକ୍ଷ୍ମଣଙ୍କୁ ଆଉ ବର୍ଷକ ପାଇଁ ନୂଆ। ଏନସିଏର ଦାୟିତ୍ୱ ନେବାକୁ ବିସିସିଆଇ ରାଜି କରାଇଛି ନୂଆ। ଏନ୍‌ସିଏରେ ୩ଟି ଅନ୍ତର୍ଜାତୀୟ ସ୍ତରର କ୍ରିକେଟ୍ ଗ୍ରାଉଣ୍ଡ, ୧୦୦ରୁ ଉର୍ଦ୍ଧ୍ୱ ଅଭ୍ୟାସ ପିଚ୍, ୪୫ଟି ପିଚ୍ ଥିବା ଇନ୍ଡୋର ଏକାଡେମୀ, ଅଲିମ୍ପିକ ସ୍ତରୀୟ ସ୍ୱିମିଂ ପୁଲ୍, ଖେଳାଳିଙ୍କ ରହିବା ପାଇଁ ସ୍ୱତନ୍ତ୍ର ଗୃହ ଓ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ରହିଛି।

# ରଣଜୀ ଟ୍ରଫି ଖେଳିବେ ଶାମି

ନୂଆଦିଲ୍ଲୀ,୧୯।୮: ଭାରତୀୟ ପେସ ବୋଲର ମହମ୍ମଦ ଶାମି ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଜରିଆରେ ପ୍ରତ୍ୟାବର୍ତ୍ତନ କରିବେ ଦିନିକିଆ କ୍ରିକେଟ ବିଶ୍ୱକପ ପରଠାରୁ ଆହତ ହୋଇଥିବା ଶାମି ବର୍ତ୍ତମାନ ରିହାବରେ ରହିଛନ୍ତି। ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଆଗରୁ ଶାମି ବେଙ୍ଗଲ ଦଳ ସହିତ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବେ। ବେଙ୍ଗଲ ଏହାର ପ୍ରଥମ ୨ ରଣଜୀ ମ୍ୟାଚ ଉତ୍ତର ପ୍ରଦେଶ(ଅକ୍ଟୋବର ୧୧) ଓ ବିହାର (ଅକ୍ଟୋବର ୧୮) ବିପକ୍ଷରେ ଖେଳିବ ଶାମିଙ୍କୁ ନିଜର ଫିଟନେସ ପ୍ରମାଣିତ କରିବା ପାଇଁ ଏହା ମଧ୍ୟରୁ ଗୋଟିଏ କିମ୍ବା ଦୁଇଟି ଯାକ ଟେଷ୍ଟ ମ୍ୟାଚ୍ ଖେଳିବାକୁ ପଡିବ ବୋଲି ଜଣାପଡିଛି। ୩୪ ବର୍ଷୀୟ ଶାମି ଶେଷ ଥର ପାଇଁ ନଭେମ୍ବର ୧୯ ତାରିଖରେ ଭାରତୀୟ ଜର୍ସିରେ ନଜର ଆସିଥିଲେ। ବର୍ତ୍ତମାନ ବିସିସିଆଇର ରିଟର୍ନ ଟୁ ପ୍ଲେ ନିୟମ ଅନୁସାରେ ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରୁଥିବା ଖେଳାଳିଙ୍କ ପାଇଁ ମ୍ୟାଚ୍ ଫିଟନେସ ପ୍ରମାଣିତ କରିବା ଅନିବାର୍ଯ୍ୟ। ବର୍ତ୍ତମାନ ଶାମି ନ୍ୟାଶନାଲ କ୍ରିକେଟ ଏକାଡେମୀରେ ରିହାବ୍ କରୁଥିବା ବେଳେ ତାଙ୍କୁ ଦୁଲୀପ ଟ୍ରଫି ଦଳରେ ସାମିଲ କରାଯାଇ ନାହିଁ।



# କେକେଆର ଛାଡ଼ିବାକୁ ରିଙ୍କୁଙ୍କ ଇଚ୍ଛା



ନୂଆଦିଲ୍ଲୀ,୧୯।୮: ଆଇପିଏଲରେ ରିଙ୍କୁ ସିଂ କେକେଆର୍ ପାଇଁ ଖେଳନ୍ତି। କେକେଆରରେ ରିଙ୍କୁ ସିଂଙ୍କ ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ ଯାହାକି ତାଙ୍କ ଖେଳ ପ୍ରଦର୍ଶନରୁ ସ୍ପଷ୍ଟ ଭାବେ ବାରି ହୋଇପଡ଼ିଥାଏ। ରିଙ୍କୁ ୨୦୧୮ ରେ କେକେଆର୍ ସହିତ ଆଇପିଏଲ୍ ଡେବ୍ୟୁ କରିଥିଲେ। ଆଇପିଏଲ୍ ୨୦୨୩ ରେ ଗୁଜୁରାଟ ଟାଇଟାନ୍ସ ବିପକ୍ଷରେ ଲଗାତାର ପାଞ୍ଚଟି ଛକା ମାରି ସେ ଲାଇମଲାଇଟକୁ ଆସିଥିଲେ।

ଆଇପିଏଲ୍ ୨୦୨୪ ରେ କୋଲକାତା ନାଇଟ୍ ରାଇଡର୍ସ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି ଟାଇଟଲ୍ ଜିତିଥିଲା। ଏହି ବିଜୟରେ ରିଙ୍କୁ ସିଂଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ବିସିସିଆଇ ଆଇପିଏଲ ୨୦୨୫ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ପରବର୍ତ୍ତୀ ସିଜିନ ପୂର୍ବରୁ ମେଗା ନିଲାମର ଆୟୋଜନ କରାଯିବ। ଏହାପୂର୍ବରୁ ରିଙ୍କୁ ସିଂ ଦେଇଥିବା ଏକ ବିବୃତି ଆଲୋଡ଼ନ ସୃଷ୍ଟି କରିଛି। ରିଙ୍କୁ କେକେଆର ଛାଡ଼ି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ରେ ଯୋଗ ଦେବାକୁ ଚାହୁଁଛନ୍ତି। ରିଙ୍କୁ ସିଧାସଳଖ କହିଛନ୍ତି, ଯଦି ଆଇପିଏଲ୍ ୨୦୨୫ର ନିଲାମ ପୂର୍ବରୁ କେକେଆର (କୋଲକାତା ନାଇଟ୍ ରାଇଡର୍ସ ସନରାଇଜର୍ସ) ମୋତେ ମୁକ୍ତ କରେ, ତେବେ ମୁଁ ଭେଟେରାନ୍ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳକୁ ଯିବାକୁ ଚାହୁଁଛି। ରିଙ୍କୁଙ୍କ ଏହି ବିବୃତି ସାମ୍ନାକୁ ଆସିବା ପରେ କେକେଆର ପ୍ରଶଂସକ ଚକିତ ହୋଇଯାଇଛନ୍ତି।

## ୧୯ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ

# ଗ୍ରୁପ୍-ଏ'ରେ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ

ଦୁବାଇ,୧୯।୦୮: ଆଗାମୀ ୧୯ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପର ଦ୍ୱିତୀୟ ସଂସ୍କରଣ ପାଇଁ ଆଜି କ୍ରୀଡ଼ାସୂଚୀ ଓ ଭେନ୍ୟୁ ଘୋଷଣା କରାଯାଇଛି। ମାଲେସିଆରେ ଆଗାମୀ ୨୦୨୫ ଜାନୁଆରୀ ୧୮ରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ଫେବ୍ରୁଆରୀ ୨ତାରିଖ ଶେଷ ହେବ। ୧୬ଟି ଦଳକୁ ନେଇ ମୋଟ ୪୧ଟି ମ୍ୟାଚ୍ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଗ୍ରୁପ୍-ଏ'ରେ ମାଲେସିଆ, ୱେଷ୍ଟଇଣ୍ଡିଜ୍ ଓ ଶ୍ରୀଲଙ୍କା ଦଳ ସହ ସ୍ଥାନ ପାଇଛି। ଜାନୁଆରୀ ୧୯ ତାରିଖରେ ଦଳ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଯୁବା ବିଶ୍ୱକପ୍ର ଦ୍ୱିତୀୟ ସଂସ୍କରଣରେ ମୋଟ ୧୬ଟି ଦଳ ୪ଟି ଗ୍ରୁପରେ ଭାଗ ନେବେ। ପ୍ରତି ଗ୍ରୁପ୍ର ଶ୍ରେଷ୍ଠ ପ୍ରଦର୍ଶନକାରୀ ୩ଟି ଲେଖାଏଁ ଦଳ ସୁପର-୬ ପର୍ଯ୍ୟାୟକୁ ଉନ୍ନୀତ ହେବେ ଏହାପରେ ୨ଟି ଗ୍ରୁପ୍ (୧, ୨)ରେ ୧୨ଟି ଦଳ ପ୍ରତିଦ୍ୱନ୍ଦ୍ୱିତା କରିବେ। ଗ୍ରୁପ୍-ଏରୁ ଯୋଗ୍ୟତା ହାସଲ କରିଥିବା ଦଳ ଗ୍ରୁପ୍-ଡିର ୨ଟି ଦଳକୁ ଏବଂ ଗ୍ରୁପ୍-ବି ଦଳ ଗ୍ରୁପ୍-ସିର ୨ଟି ଦଳକୁ ଭେଟିବେ। ଉଭୟ ଗ୍ରୁପକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ୨ଟି ଲେଖାଏଁ ଦଳ ସେମି ଫାଇନାଲ୍ ଉନ୍ନୀତ ହେବେ। ଆଗାମୀ ଜାନୁଆରୀ ୩୧ତାରିଖରେ ସେମି ଫାଇନାଲ୍ ଏବଂ ଫେବ୍ରୁଆରୀ ୨ତାରିଖ ଫାଇନାଲ୍ ମ୍ୟାଚ୍ ଖେଳାଯିବ ସେମି ଫାଇନାଲ୍ ଏବଂ ଫାଇନାଲ୍ ପାଇଁ ଅତିରିକ୍ତ ଦିବସ ରଖାଯାଇଛି।ପ୍ରଥମ ସଂସ୍କରଣରେ ଭାରତ ୭ ଓ୍ୱିକେଟରେ ଇଂଲଣ୍ଡକୁ ହରାଇ ଚାମ୍ପିଅନ୍ ହୋଇଥିଲା। ଏଥର ମଧ୍ୟ ଦଳ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ରହି। ଭାରତ ଜାନୁଆରୀ ୧୯ତାରିଖରେ ୱେଷ୍ଟଇଣ୍ଡିଜକୁ ଭେଟିବାକୁ ଥିବାବେଳେ ୨୧ତାରିଖ ମାଲେସିଆ। ଏବଂ ୨୩ତାରିଖ ଶ୍ରୀଲଙ୍କାକୁ ଭେଟିବ। ଏଥର ସାମୁଆ। ପ୍ରଥମ ଥର ବିଶ୍ୱକପ୍ ଖେଳିବାକୁ ଯାଉଛି। ସେହିପରି ଆୟୋଜକ ଭାବେ ମାଲେସିଆ। ମଧ୍ୟ ପଦାର୍ପଣ କରିବ।

# ଲାଉସାନ ଡାଏମଣ୍ଡ୍ ଲିଗ୍‌ରେ ଭାଗ ନେବେ ନୀରଜ ଚୋପ୍ରା

ନୂଆଦିଲ୍ଲୀ,୧୯।୮: ପ୍ୟାରିସ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ଭାରତର ଜାଭେଲିନ ତାରକା ନୀରଜ ଚୋପ୍ରା ଆଗାମୀ ଲାଉସାନ୍ ଡାଏମଣ୍ଡ୍ ଲିଗ୍ରେ ଭାଗ ନେବେ ବୋଲି ଶନିବାର ସ୍ପଷ୍ଟ କରି ଦେଇଛନ୍ତି। ଏବେ ସେ ସ୍ୱିଜରଲାଣ୍ଡ୍ ସ୍ଥିତ ମାଗଲିଙ୍ଗନ ଠାରେ କୋଚ୍ କ୍ଲାଉସ୍ ବାର୍ଟୋନିଜଙ୍କ ଅଧିନରେ ପ୍ରଶିକ୍ଷଣ ନେଉଛନ୍ତି। ଆସନ୍ତା ୨୨ ତାରିଖରେ ଲାଉସାନ୍ ଡାଏମଣ୍ଡ୍ ଲିଗ୍ ଅନୁଷ୍ଠିତ ହେବ।

ନୀରଜ କହିଛନ୍ତି, ପ୍ୟାରିସ୍ ଅଲିମ୍ପିକ୍ସ ଜାଭେଲିନ ଫାଇନାଲ୍ ସମୟରେ ମୁଁ ଶାରୀରିକ ଭାବେଶତପ୍ରତିଶତ ଫିଟ୍ ନଥିଲି ସ୍ୱର୍ଣ୍ଣ ପଦକ ଜିତିଥିବା ପାକିସ୍ତାନର ଅର୍ଶଦ ନଦୀମ ବହୁତ ପରିଶ୍ରମୀ ଫାଇନାଲ୍ ଦିନ ଆମ ମଧ୍ୟରେ କଡ଼ା ସଂଘର୍ଷ ହେବ ବୋଲି ଜାଣିଥିଲି। ମାତ୍ର ସେ ଦ୍ୱିତୀୟ ପ୍ରୟାସରେ ୯୨.୯୭ମିଟର ଫିଙ୍ଗି ଅଲିମ୍ପିକ୍ସ ରେକର୍ଡ଼ ସ୍ଥାପନ କରିବା ପରେ ଆମ ସମସ୍ତଙ୍କ ଉପରେ ଚାପ ବଢ଼ି ଯାଇଥିଲା। ମୁଁ ତାଙ୍କ ରେକର୍ଡ଼ ଭାଙ୍ଗିବି ବୋଲି ଦୃଢ଼ ମନୋବଳରେ ରହିଥିଲି। ହେଲେ ସମ୍ଭବ ହେଲା ନାହିଁ। ଦ୍ୱିତୀୟ ପ୍ରୟାସରେ ମୁଁ ୮୯.୫୪ମିଟର ଥ୍ରୋ କରିପାରିଥିଲି। ଅଲିମ୍ପିକ୍ସ ପ୍ରଦର୍ଶନକୁ ଭୁଲି ଏବେ ଲାଉସାନ୍ ଡାଏମଣ୍ଡ ଲିଗରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଲକ୍ଷ୍ୟ ରଖିଛି। ସୂଚନାଯୋଗ୍ୟ, ନୀରଜ ତୃତୀୟ ଭାରତୀୟ ଭାବେ ଅଲିମ୍ପିକ୍ସରେ କ୍ରମାନ୍ୱୟରେ ଦ୍ୱିତୀୟ ପଦକ ଜିତିଥିଲେ। ତାଙ୍କ ପୂର୍ବରୁ ରେସଲର ସୁଶୀଲ କୁମାର (୨୦୦୮, ୨୦୧୨) ଏବଂ ବ୍ୟାଡ଼ମିଣ୍ଟନ ତାରକା ପିଭି ସିନ୍ଧୁ (୨୦୧୬, ୨୦୨୦) ଏହି ସଫଳତା ଲାଭ କରିଥିଲେ।

# ଉଦ୍‌ଘାଟନ ଅପେକ୍ଷାରେ ବ୍ୟାଡମିଣ୍ଟନ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର

ଭୁବନେଶ୍ୱର,୧୯।୮(ମହାଭାରତ):: କଳିଙ୍ଗ ଷ୍ଟାଡିୟମର ଉତ୍ତର ପାର୍ଶ୍ୱ ଜୟଦେବ ବିହାର ଛକ ଦେଇ ଗଲାବେଳେ ଯେକେହି ଲୋକର ଆଖି ସେହି ଗୋଟିଏ ଜାଗାରେ ଲାଖି ରହେ। ଦୂରରୁ ବିଶାଳ ପାଣି ଟାଙ୍କି ଭଳି ଦୃଶ୍ୟମାନ ହେଉଥିବା ଗମ୍ବୁଜାକୃତିଟି ପ୍ରକୃତରେ କ'ଣ? ଏ ପ୍ରଶ୍ନ ସମସ୍ତଙ୍କ ମନକୁ ଆସେ କିନ୍ତୁ ଏହା କୌଣସି ପାଣି ଟାଙ୍କି କିମ୍ବା ଅନ୍ୟ କିଛି ନୁହେଁ, ଏହା ହେଉଛି ବ୍ୟାଡମିଣ୍ଟନ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର।

ଯାହାର ଆକୃତି ସଟଲ୍‌କକ୍ ଭଳି ଏହି ଉଚ୍ଚପ୍ରଦର୍ଶନ କେନ୍ଦ୍ର ପାଇଁ ରାଜ୍ୟ ସରକାର ୩.୦୪ ଏକର ଜାଗା ଯୋଗାଇ ଦେଇଛନ୍ତି। ଡାଲମିଆ ଭାରତ ଗ୍ରୁପ୍ ଏହାକୁ ନିର୍ମାଣ କରିଛି। ଏହାର କାର୍ଯ୍ୟ ଏକ ପ୍ରକାର ଶେଷ ହୋଇଯାଇଛି। କେବଳ ଉଦଘାଟନ ଅପେକ୍ଷାରେ ରହିଛି। ମୁଖ୍ୟମନ୍ତ୍ରୀ ଖୁବ୍ ଶୀଘ୍ର କେନ୍ଦ୍ରର ଉଦଘାଟନ କରିବେ ବୋଲି ଜଣାପଡ଼ିଛି।

ଓଡ଼ିଶା-ସାଇ ଆଞ୍ଚଳିକ ବ୍ୟାଡମିଣ୍ଟନ ଏକାଡେମୀରେ ପିଲାମାନଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣର ସୁବିଧା ଯୋଗାଇ ଦେବା ନେଇ ୨୦୧୮ ଜୁନ୍ ୮ ତାରିଖରେ ରାଜ୍ୟ ସରକାର ଏବଂ ପି. ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେସନ୍ (ପିଜିବିଏଫ୍) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ସେହିବର୍ଷ ନଭେମ୍ବର ମାସରେ ରାଜ୍ୟ ସରକାର ବିଭିନ୍ନ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର (ହକି, ଆଥଲେଟିକ୍ସ, ଫୁଟବଲ, ସନ୍ତରଣ, ବ୍ୟାଡମିଣ୍ଟନ, ଭାରୋତ୍ତୋଳନ) ପ୍ରତିଷ୍ଠା କରିବା ନେଇ ଘରୋଇ ଉଦ୍ୟୋଗ ଗୁଡ଼ିକ ସହ ଚୁକ୍ତି କରିଥିଲେ। ଏହି କ୍ରମରେ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ସରକାର, ପିଜିବିଏଫ୍ ଏବଂ ଡାଲମିଆ। ଭାରତର ମିଳିତ ସହଯୋଗରେ ବ୍ୟାଡମିଣ୍ଟନ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ପ୍ରତିଷ୍ଠା ନେଇ ନିଷ୍ପତ୍ତି ହୋଇଥିଲା।




୨୦୧୯ ସେପ୍ଟେମ୍ବର ୨୭ ତାରିଖରେ କୋଚ୍ ପି. ଗୋପୀଚାନ୍ଦ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ଡିଜାଇନ ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ସ୍ୱୀକୃତି ପ୍ରଦାନ କରିଥିଲେ। ଷ୍ଟାଡିୟମରେ ରାଜ୍ୟ ସରକାର ଜାଗା ଚିହ୍ନଟ କରାଇ ଦେବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା ଡାଲମିଆ ଭାରତ। ଇତିମଧ୍ୟରେ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି।

**ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଏକାଡେମୀ**

ବ୍ୟାଡମିଣ୍ଟନ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ପ୍ରତିଷ୍ଠା ପୂର୍ବରୁ ଯେଉଁ ଡିଜାଇନ ପ୍ରସ୍ତୁତ କରାଯାଇଥିଲା, ଶୀର୍ଷ ଭାଗରେ ଡାଲମିଆ। ଭାରତ ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଏକାଡେମୀ ଲେଖା ରହିଥିଲା କିନ୍ତୁ ଶୀର୍ଷ ଭାଗର କାର୍ଯ୍ୟ ଶେଷ ପରେ ତାହାର ବିଭିନ୍ନ ପାର୍ଶ୍ୱରେ ସଟଲ, ଡାଲମିଆ। ଭାରତ ବୋଲି ଲେଖା ହୋଇଛି।

ହକି ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ଏବଂ ଆକ୍ୱାଟିକ କେନ୍ଦ୍ରର ଠିକ୍ ମଧ୍ୟଭାଗରେ ବ୍ୟାଡମିଣ୍ଟନ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ନିର୍ମାଣ ହୋଇଛି। ଏଥିପାଇଁ ରାଜ୍ୟ ସରକାର ଜାଗା ଦେଇଛନ୍ତି। ପିଜିବିଏଫ୍ ପିଲାମାନଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଏବଂ ବୈଷୟିକ ସୁବିଧା ସୁଯୋଗ ଯୋଗାଇ ଦେବ ନିଜେ କୋଚ୍ ଗୋପୀଚାନ୍ଦ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବେ।

କ୍ରୀଡ଼ା ବିଭାଗରୁ ପୂର୍ବରୁ ମିଳିଥିବା ସୂଚନା ଅନୁସାରେ, ଉଚ୍ଚ ପ୍ରଦର୍ଶନ କେନ୍ଦ୍ରରେ ୮ଟି ଅନ୍ତର୍ଜାତୀୟ ମାନର ବ୍ୟାଡମିଣ୍ଟନ କୋର୍ଟ ଏବଂ ୫୦୦ ଜଣ ଦର୍ଶକ ବସି ମ୍ୟାଚ୍ ଦେଖିବାର ଗ୍ୟାଲେରୀ ନିର୍ମାଣ ହୋଇଛି। ସେମିତି କାଫେଏରିଆ, ଜିମ୍ନାସିୟମ, ଅତିଥି କକ୍ଷ ପ୍ରଭୃତି ରଖାଯାଇଛି। ପିଲାମାନେ ସେଠାରେ ଦିନ ରାତି ରହିବାର ବ୍ୟବସ୍ଥା ରହିବ। ସେଥିପାଇଁ ପର୍ଯ୍ୟାପ୍ତ କୋଠରୀ ମଧ୍ୟ ରହିଛି।

ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ଉଚ୍ଚତା ୨୮ ମିଟରରୁ ଅଧିକ ଏହାର ନିମ୍ନ ଭାଗରୁ ଚାରି ମହଲା ଉପରେ ବ୍ୟାଡମିଣ୍ଟନ କୋର୍ଟ ନିର୍ମାଣ କରାଯାଇଛି। ସବୁ କିଛି ଅନ୍ତର୍ଜାତୀୟ ସଂଘର ନିୟମ ଅନୁସାରେ ହୋଇଛି ବୋଲି ଜଣେ ପୂର୍ବତନ ଅଧିକାରୀ କହିଥିଲେ।

ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ରର ନିର୍ମାଣ ପାଇଁ ୫୫ କୋଟି ଟଙ୍କାର ବଜେଟ ରହିଥିଲା। କାର୍ଯ୍ୟ ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ କେତେ ଅର୍ଥ ଖର୍ଚ୍ଚ ହୋଇଛି, ଏହାର ସଠିକ ତଥ୍ୟ ମିଳିପାରି ନାହିଁ।

**ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ ସମ୍ଭବ**

୨୦୨୨ ଓ ୨୦୨୩ରେ କ୍ରମାନ୍ୱୟରେ ଦ୍ୱିତୀୟ ଥର ପାଇଁ କଟକ ଜବାହରଲାଲ୍ ନେହରୁ ଇନଡୋର ଷ୍ଟାଡିୟମରେ ୭୫ ହଜାର ଡଲାର ପୁରସ୍କାର ରାଶି ବିଶିଷ୍ଟ ବିଡବ୍ଲ୍ୟୁଏଫ୍ ସୁପର-୧୦୦ ଓଡ଼ିଶା ଓପନ ଆୟୋଜିତ ହୋଇଥିଲା। ଏଭଳି ଟୁର୍ଣ୍ଣାମେଣ୍ଟ ନୂଆ। ଉଚ୍ଚ ପ୍ରଦର୍ଶନ କେନ୍ଦ୍ରରେ ଆୟୋଜନ ସମ୍ଭବ ହୋଇପାରିବ।

କଳିଙ୍ଗ ଷ୍ଟାଡିୟମରେ ହକି, ଫୁଟବଲ, ବ୍ୟାଡମିଣ୍ଟନ, ଜିମ୍ନାଷ୍ଟିକ, ଆଥଲେଟିକ୍ସ, ସନ୍ତରଣ, ସୁଟିଂ, ଟେନିସ, ଭାରୋତ୍ତୋଳନ ପ୍ରଭୃତି କ୍ରୀଡ଼ାର ଅନ୍ତର୍ଜାତୀୟ ମାନର ଭିତ୍ତିଭୂମି ନିର୍ମାଣ କରାଯାଇଛି। ଦେଶର ପ୍ରଥମ ଇନ୍ଡୋର ଆଥଲେଟିକ୍ସ ଷ୍ଟାଡିୟମ ଏବଂ ଦ୍ୱିତୀୟ ଫିନା ମାନର ଆକ୍ୱାଟିକ୍ କେନ୍ଦ୍ର ଏଠାରେ ରହିଛି ବିଭିନ୍ନ କ୍ରୀଡ଼ାରେ ବର୍ଷ ସାରା କିଛି ନା କିଛି ପ୍ରତିଯୋଗିତା ଆୟୋଜିତ ହେଉଛି।

ଗତ ୨୭ତମ ଫେଡେରେସନ କପ୍ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ରେ ଅଂଶ ଗ୍ରହଣ କରିବା ପାଇଁ ଭୁବନେଶ୍ୱର ଆସିଥିଲେ। ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ବିଜେତା ନୀରଜ ଚୋପ୍ରା କଳିଙ୍ଗ ଷ୍ଟାଡିୟମରେ ଥିବା ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମି ଏବଂ ନବନିର୍ମିତ ଇନ୍ଡୋର ଆଥଲେଟିକ୍ସ ଷ୍ଟାଡିୟମ ବୁଲି ଦେଖିବା ପରେ ସେ ଭୂୟସୀ ପ୍ରଶଂସା କରିଥିଲେ ନୀରଜ କହିଥିଲେ, ପୂର୍ବରୁ ଯେତେବେଳେ ଏଠାରେ ରହି ଅଭ୍ୟାସ କରୁଥିଲି, ସେତେବେଳେ ଏବଂ ବର୍ତ୍ତମାନ ମଧ୍ୟରେ ବହୁତ ପ୍ରଭେଦ ଦେଖୁଛି ନୂଆ। ଇନ୍ଡୋର ଆଥଲେଟିକ୍ସ ଷ୍ଟାଡିୟମ ଗଢ଼ି ଉଠିଛି। ସେମିତି ଅନ୍ୟାନ୍ୟ ସୁବିଧା ମଧ୍ୟ ରହିଛି ସବୁଠୁ ବଡ଼ କଥା, ସବୁ କିଛି ଠିକ୍ ଭାବେ ଯତ୍ନ ନିଆଯାଉଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ